RNI No.ODIODI/2010/33031
୧୭ ବର୍ଷ Volume-17
ISSUE -217 ସଂଖ୍ୟା-୨୧୭
ଭୁବନେଶ୍ୱର, ଶନିବାର ୧୪ ନଭେମ୍ବର ୨୦୨୬
Bhubaneswar, Saturday 14 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



କୁଡୁମୀ ସମାଜର ପ୍ରାଚୀନ ପରମ୍ପରା ଓ ପ୍ରକୃତି ପ୍ରେମକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୧(ନି.ପ୍ର.): ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ ଠାରେ ଆଜି ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି।

ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାରଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ

କୁଡୁମୀ ସମାଜର କଳା, ସଂସ୍କୃତିର ସଂରକ୍ଷଣ ଓ କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ

ବାନ୍ଦନା କେବଳ ଏକ ପର୍ବ ନୁହେଁ, ଏହା ପ୍ରକୃତି, ମାଟି ଓ ଗୋଧନର ଏକ ଜୀବନ୍ତ କାବ୍ୟ: ମୁଖ୍ୟମନ୍ତ୍ରୀ

ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଶାଣ ଆମ ସଂସ୍କୃତିର ଆତ୍ମା।

ସେ ଆହୁରି ମଧ୍ୟ କହିଛନ୍ତି ଯେ କୁଡୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ସଙ୍ଗେଦରେ ସିଞ୍ଚି ଶସ୍ୟଶ୍ୟାମଳା କରିବାର କଳା କୁଡୁମୀ ସମାଜଠାରୁ ଶିଖିବାକୁ ମିଳେ। ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ़, ନଦୀ-ନାଳ ଏବଂ ପ୍ରାଣୀଜଗତ ସହ ସହବସ୍ଥାନ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।ମୟୂରଭଞ୍ଜ ମାଟି ସହ ନିଜର ଗଭୀର ଆତ୍ମିକ ସମ୍ପର୍କକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ହେଉଛି ତାଙ୍କର ଦ୍ୱିତୀୟ ଘର ଏବଂ ଘରକୁ କିଛି ଦିନ ଅନ୍ତରାଳରେ ଆସିଲେ ଯେପରି ଆନନ୍ଦ ମିଳିଥାଏ, ଆଜି ଠିକ ସେହିପରି ଆନନ୍ଦ ଅନୁଭବ ହେଉଛି।

କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି। ବାଲ୍ୟକାଳରୁ



ନିଜ ଗାଁରେ କୁଡୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଢେଙ୍ଗୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଣ୍ଟିବା ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଡୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ।

କୁଡୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ़, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଏ ଜାତିର ମୁଖ୍ୟ ବାସସ୍ଥଳୀ ପାଲଟିଥିବା ବେଳେ ବାରିପଦା ଓଡ଼ିଶାର କୁଡୁମୀମାନଙ୍କର ଅଘୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି। ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି। ସେହିପରି କୁଡୁମୀମାନଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ।

ବାନ୍ଦନା ପରବ ଓ ଅନ୍ୟାନ୍ୟ ପାରମ୍ପରିକ ପର୍ବପର୍ବାଣୀର ମହତ୍ତ୍ୱ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋ-ଜାତି ପ୍ରତି ସମ୍ମାନ ଓ କୃତଜ୍ଞତା ଅର୍ପଣ ପାଇଁ ଆବାହମାନ କାଳରୁ ଗୋଠ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ଆଦି ପାଳନ କରାଯାଇଆସୁଛି। ଏହା ସହିତ କରମ ପର୍ବ ମାଧ୍ୟମରେ କରମ ଗଛକୁ ପୂଜା କରି ଏହି ସମାଜ ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବା ବେଳେ ଟୁସୁଦେବୀଙ୍କ ବୀରତ୍ୱର ଗାଥା କୁଡୁମୀ ମହିଳା ଓ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିଛି। ଶିକ୍ଷା କ୍ଷେତ୍ରରେ କୁଡୁମୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ କେନ୍ଦୁଝରର ଦିଗରାଜ ମହାନ୍ତ, ତପନ କୁମାର ମହାନ୍ତ, କଟକର ଚନ୍ଦନ କୁମାର ମହାନ୍ତ ଏବଂ ଚଳିତ ବର୍ଷ ବାରିପଦାର ପାର୍ଥ ସାରଥୀ ମହାନ୍ତ ମେଟ୍ରିକ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଥିବା ବେଳେ ମୟୂରଭଞ୍ଜର ଝିଅ ସଞ୍ଜନା ମହାନ୍ତ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇ ସମଗ୍ର ଜାତିର ସୁନାମ ବଢ଼ାଇଛନ୍ତି।ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମନ୍ତ୍ରରେ ଉଦ ?ବୁଦ୍ଧ ହୋଇ ରାଜ୍ୟ ସରକାର ' ସମାବେଶୀ ବିକାଶ' ମଡେଲରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜାତି, ସମ୍ପ୍ରଦାୟ ଓ ଅଞ୍ଚଳର ସମାନ ପ୍ରଗତି ହେଲେ ହିଁ ରାଜ୍ୟ ସମୃଦ୍ଧ ହୋଇପାରିବ ବୋଲି ମତଦେଇ କୁଡୁମୀ ସମାଜର କଳା ଓ ସଂସ୍କୃତିର ସୁରକ୍ଷା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ-ସମ୍ପଦର ଅଭିବୃଦ୍ଧି ପାଇଁ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଏହି ସାଂସ୍କୃତିକ ମହାମିଳନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କୁଡୁମୀ ସମାଜର ସାମାଜିକ ଏକତା ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମୃଦ୍ଧ କରିବାରେ କୁଡୁମୀ ସମ୍ପ୍ରଦାୟର ଅବଦାନ ଅତୁଳନୀୟ। ବାରିପଦା ତଥା ସମଗ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି, ଯେଉଁଥିରେ କୁଡୁମୀ ସମାଜର ସାମାଜିକ ଓ ଆର୍ଥିକ ଉନ୍ନତିକୁ ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଉଛି।ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କୁଡୁମୀ ସମାଜର ପ୍ରକୃତି ପ୍ରେମ ଓ ଶ୍ରମିକ କଲ୍ୟାଣ ଦିଗରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ କହିଛନ୍ତି ଯେ, କୁଡୁମୀ ସମାଜ ପ୍ରକୃତି ଓ ଜଙ୍ଗଲକୁ ନିଜ ପରିବାର ଭଳି ସୁରକ୍ଷା ଦେଇଆସୁଛି। ବାନ୍ଦନା ଓ କରମ ଭଳି ପର୍ବ ମାଧ୍ୟମରେ ପରିବେଶ ସୁରକ୍ଷାର ଯେଉଁ ମହାନ ବାର୍ତ୍ତା ଏହି ସମାଜ ଦେଉଛି, ତାହା ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ଏହା ସହିତ ପରିଶ୍ରମୀ କୁଡୁମୀ କୃଷକ ଓ ଶ୍ରମିକ ଭାଇଭଉଣୀମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମ କଲ୍ୟାଣକାରୀ ଯୋଜନାରେ ସାମିଲ କରି ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯିବ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ଶ୍ରୀ ନବ ଚରଣ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବଡ଼ସାହି ବିଧାୟକ ଶ୍ରୀ ସନାତନ ବିଜୁଳି, ସାରସକଣା ବିଧାୟକ ଶ୍ରୀ ଭାଦବ ହାଁସଦା, ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ଏସ. ଡ଼ି. ସି ଚେୟାରମ୍ୟାନ ଡଃ ବୁଦାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳା ମୁର୍ମୁ,ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡ଼ଃ କାଳିପଦ ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ଉପଦେଷ୍ଟା ଶ୍ରୀ ଛୋଟଲାଲ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।

ଭୂମିହୀନ କୃଷି ଶ୍ରମିକଙ୍କ ବାର୍ଷିକ ଆୟ ସୀମା ବଢ଼ିଲା

ଭୁବନେଶ୍ୱର, ୧୩।୧୧(ନି.ପ୍ର.): ଦୀର୍ଘ ପ୍ରାୟ ତିନି ବର୍ଷ ପରେ ଲକ୍ଷାଧିକ ଭୂମିହୀନ କୃଷି ଶ୍ରମିକଙ୍କ ବାର୍ଷିକ ଆୟସୀମାକୁ ବୃଦ୍ଧି କରିଛନ୍ତି ରାଜ୍ୟର କ୍ଷମତାସୀନ ବିଜେପି ସରକାର। ୨୦୨୩ ମସିହା ଫେବୃୟାରୀରେ ଧାର୍ଯ୍ୟ ହୋଇଥିବା ୧ ଲକ୍ଷ ଟଙ୍କାର ବାର୍ଷିକ ଆୟସୀମା ଯୋଗୁଁ ଯେଉଁ ଗରିବ କୃଷି ଶ୍ରମିକ ପରିବାରଗୁଡ଼ିକ 'ଭୂମିହୀନ କୃଷି ଶ୍ରମିକ' ମାନ୍ୟତା ପାଇବାରୁ ତଥା ଚାଷ ଉଦ୍ଦେଶ୍ୟରେ ସରକାରୀ ଜମି ବନ୍ଦୋବସ୍ତ ସୁବିଧାରୁ ବଂଚିତ ହେଉଥିଲେ, ସେମାନଙ୍କ ପାଇଁ ଏବେ ବାଟ ଫିଟିଛି।


ଓଡ଼ିଶା ସରକାର ୨୦୨୩ ମସିହାର ପୁରୁଣା ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ବାତିଲ କରି ଭୂମିହୀନ କୃଷି ଶ୍ରମିକଙ୍କ ବାର୍ଷିକ ଆୟ ସୀମାକୁ ଆଜି ଏକ ଲକ୍ଷରୁ ଦେଢ଼ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ରାଜ୍ୟର ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ଏହି ନୂଆ ଆୟ ସୀମା ନିର୍ଦ୍ଧାରଣ କରାଯାଇଛି। ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଅଧିନିୟମ, ୧୯୬୧ (୧୯୬୨ର ଓଡ଼ିଶା ଅଧିନିୟମ ୩୩) ର ଧାରା ୨ର ପ୍ରାବଧାନ ଆଧାରରେ ରାଜ୍ୟ ସରକାର ୨୦୨୩ ମସିହା ଫେବୃଆରୀ ୨୨ ତାରିଖରେ ଜାରି ବିଜ୍ଞପ୍ତିକୁ ରଦ୍ଦ କରି ଆଜି ସଂଶୋଧିତ ବିଜ୍ଞପ୍ତି ଜାରି କରିଛନ୍ତି।

ଏହି ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆରଡିସି, ଜିଲ୍ଲାପାଳ, ରାଜସ୍ୱ ପର୍ଷଦର ସଚିବ, ଭୂସଂସ୍କାର ଆୟୁକ୍ତ, ଜମି ରେକର୍ଡ ଓ ବନ୍ଦୋବସ୍ତ ଆୟୁକ୍ତ, ଜମି ରେକର୍ଡ, ସର୍ଭ ଓ ଚକବନ୍ଦୀ ନିର୍ଦ୍ଦେଶକ ଓ ଆଇଜିଆରଙ୍କୁ ଅବଗତ କରାଯାଇଛି।ରାଜ୍ୟ ସରକାରଙ୍କ ଏହି ସଂଶୋଧିତ ଆୟସୀମା ଲାଗୁ ହେବା ଫଳରେ ଗ୍ରାମାଂଚଳର ହଜାର ହଜାର ଭୂମିହୀନ କୃଷି ଶ୍ରମିକ ପରିବାର ଏବେ ସହଜରେ ଆୟ ପ୍ରମାଣପତ୍ର ପାଇପାରିବେ। ବିଶେଷକରି ବାସଗୃହ ନିର୍ମାଣ ପାଇଁ ସରକାରୀ ଜମି ଆବଣ୍ଟନ ଓ ବିଭିନ୍ନ କୃଷିଭିତ୍ତିକ କଲ୍ୟାଣକାରୀ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା କ୍ଷେତ୍ରରେ ପୂର୍ବରୁ ରହିଥିବା ବୈଷୟିକ ବାଧା ସମ୍ପୂର୍ଣ୍ଣ ଦୂର ହୋଇପାରିବ ବୋଲି ରାଜସ୍ୱ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୂମିହୀନ କୃଷି ଶ୍ରମିକଙ୍କ ବାର୍ଷିକ ଆୟସୀମା ୨୦୧୮ ମସିହାରେ ୪୦ହଜାର ଟଙ୍କା ଥିଲା। ଯାହାକୁ ୨୦୨୩ ମସିହା ଫେବୃଆରୀ ମାସରେ ୧ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏବେ ରାଜ୍ୟର ବିଜେପି ସରକାର ସେହି ଆୟସୀମାକୁ ଦେଢ଼ଲକ୍ଷ ଟଙ୍କାକୁ ବଢ଼ାଇ ଦେଇଛନ୍ତି।

୧୬ରେ ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା, ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର, ୧୩।୧୧(ନି.ପ୍ର.): ୧୬ରେ ବାତ୍ୟା ହେବାର ସମ୍ଭାବନା ରହିଛି। ଏହା ଆନ୍ଧ୍ରମୁହାଁ ହେବାର ସଙ୍କତ ବି ମିଳିଲାଣି। ତେବେ ସେଯାହା ହେଉନା କାହିଁକି, ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିଲାଗି ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ କରାଯାଇଛି। ତେଣେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ।



ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆସନ୍ତା କିଛି ଦିନରେ ଘୂର୍ଣ୍ଣିଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ୧୬ ନଭେମ୍ବର ସନ୍ଧ୍ୟା ବେଳକୁ ମଧ୍ୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଜି ସକାଳ ସାଢେ ୮ଟା ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଏହି ଲଘୁଚାପ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୧୪ ନଭେମ୍ବରରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ୧୫ ନଭେମ୍ବର ସକାଳ ବେଳକୁ ଏହା ସେହି ଅଞ୍ଚଳରେ ଏକ ଗଭୀର ଅବପାତରେ ପରିଣତ ହେବ। ଏହା ପରେ ଏହି ପ୍ରଣାଳୀ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ୧୬ ନଭେମ୍ବର ସନ୍ଧ୍ୟା ବେଳକୁ ମଧ୍ୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଏହି ପ୍ରଣାଳୀର ଗତିପଥ ଓ ତୀବ୍ରତା ଉପରେ ନିରନ୍ତର ନଜର ରଖୁଛି । ଆଗାମୀ ସମୟରେ ଆବଶ୍ୟକ ସୂଚନା ଜାରି କରାଯିବ। ଉପକୂଳ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଜଷ୍ଟିସ ବିଭୂପ୍ରସାଦ ରାଉତରାୟଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଦାୟିତ୍ୱ

କଟକ,,୧୩।୧୧(ନି.ପ୍ର.): ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବରିଷ୍ଠ ବିଚାରପତି ଜଷ୍ଟିସ ବିଭୂପ୍ରସାଦ ରାଉତରାୟଙ୍କୁ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦରୌପଦୀ ମୁର୍ମୁଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଆସନ୍ତା ୧୫ ତାରିଖରେ ଅବସର ଗ୍ରହଣ କରିବାକୁ ଥିବାବେଳେ ତାଙ୍କ ସ୍ଥାନରେ ଆସନ୍ତା ୧୬ ତାରିଖରୁ ଜଷ୍ଟିସ ରାଉତରାୟ ଏହି ଗୁରୁଦାୟିତ୍ୱ ତୁଲାଇବେ।

କେନ୍ଦ୍ର ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଭାରତୀୟ ସମ୍ବିଧାନର ଧାରା ୨୨୩ ଅନୁସାରେ ରାଷ୍ଟ୍ରପତି ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସ୍ଥାୟୀ ମୁଖ୍ୟ ବିଚାରପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ଜଷ୍ଟିସ ରାଉତରାୟ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ ନିର୍ବାହ କରିବେ। ଜଷ୍ଟିସ ହରିଶ ଟଣ୍ଡନଙ୍କ ଅବସର ପରେ ହାଇକୋର୍ଟର ବରିଷ୍ଠତମ ବିଚାରପତି ଭାବେ ତାଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଯାଇଛି।



ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ ବିଭୂପ୍ରସାଦ ରାଉତରାୟ ଜଣେ ଦକ୍ଷ ଆଇନଜୀବୀ ତଥା ବିଚାରପତି ଭାବେ ବେଶ ପରିଚିତ। ପୂର୍ବରୁ ସେ ଓଡ଼ିଶା ହାଇକୋର୍ଟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତିକୁ ନେଇ ରାଜ୍ୟ ଆଇନଜୀବୀ ମହଲ ତଥା ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜଣାଯାଇଛି।

ତନିଷ୍କ ସୋରୁମ୍‌ରୁ ୫୦ କୋଟିର ଗହଣା ଲୁଟ୍

ଚେନ୍ନାଇ,୧୩।୧୧(ନି.ପ୍ର.):ତାମିଲନାଡୁର ମଦୁରାଇରେ ଏକ ନୂତନ ଭାବରେ ଖୋଲାଯାଇଥିବା ତନିଷ୍କ ସୋରୁମରେ ଜଣେ ଚୋର ଏକାକୀ ପଶି ପ୍ରାୟ ୫୦ କୋଟି ଟଙ୍କାର ସୁନା ଓ ହୀରା ଅଳଙ୍କାର ନେଇ ରାତାରାତି ଛୁ ମାରିଛି। ସିସିଟିଭି









କର୍କଟ ରୋଗରେ ପୀଡିତ ଆଶାକର୍ମୀ ପ୍ରତିମା ଦାସ, ଚିକିତ୍ସାରେ ଅର୍ଥ ସାଜିଛି ବାଧକ

କୁକୁଡାଖଣ୍ଡି, ୧୩।୧୧ :(ମନୁନ) ଗାଁ ଗାଁ ବୁଲି ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଥିଲେ। ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାଠାରୁ ଆରମ୍ଭ କରି ଘର ଘର ବୁଲି ଟିକାକରଣ ଓ ବିଭିନ୍ନ ରୋଗ ପ୍ରତିରୋଧକ ଔଷଧ ବଣ୍ଟନରେ ସହଯୋଗ କରୁଥିଲେ। ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ତାଙ୍କର ଥିଲା ମୁଖ୍ୟ ଦାୟିତ୍ୱ। ହେଲେ ଆଜି ସେହି ଆଶା ଦିଦି ନିଜେ କର୍କଟ ରୋଗରେ ପୀଡ଼ିତ। ଅନ୍ୟଙ୍କ ଜୀବନରେ ସ୍ୱାସ୍ଥ୍ୟର ଆଶା ଭରୁଥିବା ମଣିଷଟି ଆଜି ନିଜ ଚିକିତ୍ସା ପାଇଁ ସହାୟତା ଅପେକ୍ଷାରେ। ଏ ହେଉଛନ୍ତି ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ଅଞ୍ଚଳର ୪୩ ବର୍ଷୀୟ ଆଶାକର୍ମୀ ପ୍ରତିମା ଦାସ। ପ୍ରାୟ ଦୁଇ ମାସ ତଳେ ସେ ପାଟିରେ କର୍କଟ ରୋଗ ହୋଇଥିବା ଜାଣିବାକୁ ପାଇଥିଲେ। ରୋଗ ଜଣାପଡ଼ିବା ପରେ ପରିବାରରେ ଚିନ୍ତା ବଢ଼ିଯାଇଛି। ବର୍ତ୍ତମାନ ସେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା ଜାରି ରହିଥିବା ବେଳେ ଏଥିପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି। ସବୁଠାରୁ ବଡ଼ କଥା ହେଉଛି, ପ୍ରତିମାଙ୍କ ପରିବାର ପାଖରେ ସରକାରଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ରହିଛି। ଏହି କାର୍ଡରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧାର ସୀମା ରହିଛି। କିନ୍ତୁ ତାଙ୍କ ଚିକିତ୍ସା ପାଇଁ ଏହି ସୀମାଠାରୁ ମଧ୍ୟ ଅଧିକ ଟଙ୍କା ଆବଶ୍ୟକ ହେବ ବୋଲି ଜଣାପଡ଼ିଛି। ଫଳରେ ଅବଶିଷ୍ଟ ଟଙ୍କା କେଉଁଠୁ ଯୋଗାଡ଼ କରିବେ ତାହାକୁ ନେଇ ଚିନ୍ତାରେ ପରିବାର। ନିଜ ଔଷଧ କିଣିବା ପାଇଁ ମଧ୍ୟ ଅର୍ଥର ଅଭାବ



ଦେଖାଦେଇଛି। ଅନ୍ୟପଟେ ରୋଗର ଯନ୍ତ୍ରଣା ଓ ଚିକିତ୍ସା ଚିନ୍ତା ମଧ୍ୟରେ ପ୍ରତିମାଙ୍କ ପରିବାର ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ପ୍ରତିମାଙ୍କ ପରିବାରରେ ସ୍ୱାମୀ ଅମର ଦାସ, ପୁଅ, ଝିଅ ଓ ଶଶୁରଙ୍କୁ ମିଶାଇ ମୋଟ ୫ ଜଣ ସଦସ୍ୟ ଅଛନ୍ତି। ସ୍ୱାମୀ ଅମର ଦାସ ଜଣେ ଦିନମଜୁରିଆ। ଦିନକୁ ଯାହା ରୋଜଗାର ହୁଏ, ସେଥିରେ ପରିବାରର ଦୈନନ୍ଦିନ ଖର୍ଚ୍ଚ ଓ ପିଲାମାନଙ୍କ ପାଠପଢ଼ା ଚଳାଇବା ମଧ୍ୟ କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ପତ୍ନୀଙ୍କ ଉନ୍ନତମାନର ଚିକିତ୍ସା ଓ ଅସ୍ତ୍ରପଚାର ପାଇଁ ବିପୁଳ ଅର୍ଥ ଯୋଗାଡ଼ କରିବା ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଦିନେ ଅନ୍ୟମାନଙ୍କ ଦୁଃଖ ସମୟରେ ପାଖରେ ଛିଡ଼ା ହେଉଥିଲେ ପ୍ରତିମା। ଆଜି ତାଙ୍କୁ ଆବଶ୍ୟକ ପଡ଼ିଛି ସମସ୍ତଙ୍କ ସହଯୋଗ। ସରକାରୀ ସହାୟତା ସହ ସହୃଦୟ ବ୍ୟକ୍ତିଙ୍କ ସହଯୋଗ ମିଳିଲେ ତାଙ୍କ ଚିକିତ୍ସା ଆଗକୁ ବଢ଼ିପାରିବ। ଅନ୍ୟଙ୍କ ଜୀବନରେ ଆଶାର ଆଲୋକ ଜଳାଇଥିବା ପ୍ରତିମାଙ୍କ ଜୀବନରେ ପୁଣି ଫେରିବ କି ସୁସ୍ଥତାର ଆଲୋକ ଏବେ ସହାୟତା ଅପେକ୍ଷାରେ ପ୍ରତିମାଙ୍କ ପରିବାର।

ବାଲିପଦରରେ ସର୍ବଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବୁଗୁଡ଼ା, ୧୩।୧୧ :(ମନୁନ)ବୁଗୁଡ଼ା ବ୍ଲକର ବାଲିପଦର ଗ୍ରାମସ୍ଥ ମକରପଡିଆଠାରେ ଧର୍ମ ଜାଗରଣ ସମିତି ପକ୍ଷରୁ ସର୍ବଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଧର୍ମ ସମ୍ମିଳନୀରେ ସନାତନ ଧର୍ମର ଗୋବିନ୍ଦ ନାହାକ ,ଓଁଶାନ୍ତିର ବ୍ରହ୍ମା କୁମାରୀ ଗାୟତ୍ରୀ , ଠାକୁର ଅନୁକୂଳଚନ୍ଦ୍ରର ନିରଞ୍ଜନ ଦେ , ଆର୍ଯ୍ୟ ସମାଜର ବିପିନ ବିହାରି ପଟନାୟକ , ଗାୟତ୍ରୀ ପରିବାର ପକ୍ଷରୁ ସନାତନ ଜେନା ପ୍ରମୁଖ ପ୍ରବଚକ ଭାବେ ଯୋଗ ଦେଇ ସ୍ୱ ସ୍ୱ ସଂସ୍ଥାର ଧାର୍ମିକ ମାର୍ଗଦର୍ଶନ କରି ଶ୍ରୋତାମଣ୍ଡଳୀଙ୍କ ମଧ୍ୟରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ କାଦପଡା ତନ୍ତୁବାୟ ସହଯୋଗ ସମିତି ସଭାଗୃହଠାରୁ ସମସ୍ତ ପ୍ରବଚକ, ଶ୍ରଦ୍ଧାଳୁ ଏବଂ କର୍ମକର୍ତ୍ତାଗଣ ଏକ ଶୋଭାଯାତ୍ରାରେ ବାହାରି ମକରପଡିଆଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ବିଶ୍ୱନାଥ ରଣାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଧର୍ମ ଜାଗରଣ ସମିତିର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ରଥଙ୍କ ପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଦ୍ୱିତୀକୃଷ୍ଣ ବିଶ୍ୱାଳ ସଂଯୋଜନା , ବିଜୟ ଚନ୍ଦ୍ର ମହାରଣା ସ୍ୱାଗତ ସମ୍ଭାଷଣ ଓ ସମ୍ପାଦକ ବିବରଣୀ ପଠନ ଏବଂ ପରିଶେଷରେ ରାଜେନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିପ୍ର ଚରଣ ପାତ୍ର, ମାଧବ ଚନ୍ଦ୍ର ଭୋଳ , ପୂର୍ଣ୍ଣଚନ୍ଦ୍ର ଜେନା, କ୍ରିଷ୍ଣାରାଓ ଦୋରା, ଲକ୍ଷ୍ମଣ ଜେନା, ମଙ୍ଗୁଳି ପାତ୍ର, କବିରାଜ ପରିଡା, ବାଞ୍ଛାନିଧି ଜେନା, ନୀଳାଞ୍ଚଳ ପାତ୍ର, ସରବିଶ ଆଚାରୀ, ବସନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ରାଷ୍ଟ୍ରପତିଙ୍କ ଦ୍ୱାରା ଜିଲ୍ଲାପାଳ ସମ୍ବର୍ଦ୍ଧିତ

କେନ୍ଦୁଝର, ୧୩।୧୧ :(ମନୁନ)ଜନଜାତି ଶିକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲା ପାଇଁ ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ଜାତୀୟସ୍ତରରେ ଶ୍ରେଷ୍ଠ ୫ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମଧ୍ୟରେ କେନ୍ଦୁଝର ଜିଲ୍ଲାର ରାଙ୍କିସ୍ଥିତ ଇଏମଆରଏସ ସ୍ଥାନ ପାଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ମାନନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।ଏହି ଅବସରରେ ଓଡ଼ିଶା ଆଦର୍ଶ ଜନଜାତି ଶିକ୍ଷା ସମିତି ସଚିବ ଶ୍ରୀ ସୁରେନ୍ଦ୍ର କୁମାର ମୀନା, ରାଙ୍କି ଏକଲବ୍ୟ ବିଦ୍ୟାଳୟର ପ୍ରିନ୍ସିପାଲ ଶ୍ରୀ ରବିଶଙ୍କର ଚୌଧୁରୀ ମଧ୍ୟ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ଆୟୋଜିତ ଜନଜାତିୟ ଗୌରବ ପକ୍ଷ-୨୦୨୬ ଅନ୍ତର୍ଗତ ନଭେମ୍ବର ୧୨ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ଦେଶର ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ।ଜନଜାତି ଶିକ୍ଷାର ପ୍ରସାର ଦିଗରେ କେନ୍ଦୁଝର ଜିଲ୍ଲା ନିରନ୍ତର ଅଗ୍ରସର ହେଉଛି। ବର୍ତ୍ତମାନ ଜିଲ୍ଲାରେ ୮ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶିକ୍ଷାଦାନ ଜାରି ରହିଛି। ଏହା ସହିତ ଯୋଡ଼ା ଏବଂ ଝୁମ୍ପୁରା ବ୍ଲକରେ ଆଉ ଦୁଇଟି ଇଏମଆରଏସ ସ୍ଥାପନ ପାଇଁ ପ୍ରଶାସନିକ ଅନୁମୋଦନ ମିଳିଛି। ଏହି ଦୁଇଟି ବିଦ୍ୟାଳୟ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବା ସହ ଜିଲ୍ଲାରେ ଏକଲବ୍ୟ ବିଦ୍ୟାଳୟ ସଂଖ୍ୟା ୧୦ରେ ପହଞ୍ଚିବ।ଏହି ସଫଳତା ଜିଲ୍ଲାର ଶିକ୍ଷାଗତ ଉତ୍କର୍ଷତା ସହ ଜନଜାତି ସମ୍ପ୍ରଦାୟର ଶିଶୁ ଓ ଯୁବପିଢ଼ିଙ୍କୁ ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାର ପ୍ରତିଫଳନ।ହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିପ୍ର ଚରଣ ପାତ୍ର, ମାଧବ ଚନ୍ଦ୍ର ଭୋଳ , ପୂର୍ଣ୍ଣଚନ୍ଦ୍ର ଜେନା, କ୍ରିଷ୍ଣାରାଓ ଦୋରା, ଲକ୍ଷ୍ମଣ ଜେନା, ମଙ୍ଗୁଳି ପାତ୍ର, କବିରାଜ ପରିଡା, ବାଞ୍ଛାନିଧି ଜେନା, ନୀଳାଞ୍ଚଳ ପାତ୍ର, ସରବିଶ ଆଚାରୀ, ବସନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ



ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକକୁ ମିଳିବ ବାତ୍ୟା 'ଅର୍ଣ୍ଣବ' ଜରୁରୀକାଳୀନ ରିଲିଫ

କନ୍ଧମାଳ, ୧୩।୧୧ :(ମନୁନ)ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ପ୍ୟାକେଜ୍ କ୍ରମରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିର ସମୀକ୍ଷା ପରେ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକକୁ ପରିବାର ପିଛା ୫୦ କିଲୋଗ୍ରାମ ଚାଉଳ ଏବଂ ୨,୫୦୦ ଟଙ୍କାର ଜରୁରୀକାଳୀନ ରିଲିଫ୍ ସହାୟତା ସମ୍ପ୍ରସାରଣ କରିବାକୁ ସରକାର ନିଷ୍ପତ୍ତ ନେଇଛନ୍ତି। ଏ ନେଇ ସ୍ୱତନ୍ତ୍ର ରଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ (ଆଇ.ଏ.ଏସ୍) ଚିଠି ନଂ ୬୬୭୮/ଏସ୍ଆର୍ସି ମାଧ୍ୟମରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହିତାଧିକାରୀ ଚିହ୍ନଟ ଓ ଯାଞ୍ଚ: ସଂପୃକ୍ତ ତିନୋଟି ଜିଲ୍ଲାର ସମସ୍ତ ବ୍ଲକରେ ଯୋଗ୍ୟ ପରିବାରଗୁଡ଼ିକର ତୁରନ୍ତ ଗଣନା ଓ ଯାଞ୍ଚ ପ୍ରକ୍ରିୟା ଶେଷ କରି ସ୍ୱଚ୍ଛ, ସୁରୁଖୁରୁ ଏବଂ ସମୟାନୁବର୍ତ୍ତୀ ଭାବେ ଏହି ରିଲିଫ୍ ସହାୟତା ବଣ୍ଟନ ନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଉଳ ଯୋଗାଣ ବ୍ୟବସ୍ଥା: ରିଲିଫ୍ ଚାଉଳର ଆବଶ୍ୟକୀୟ ଆକଳନ ଓ ଉଠାଣ ପାଇଁ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଏବଂ ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ସହ ତୁରନ୍ତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଆର୍ଥିକ ସହାୟତା ପ୍ରଦାନ ପ୍ରଣାଳୀ: ପରିବାର ପିଛା ୨,୫୦୦ ଟଙ୍କାର ଆର୍ଥିକ ସହାୟତା ମୁଖ୍ୟତଃ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ହିତାଧିକାରୀଙ୍କ ଖାତାକୁ ପଠାଯିବ। ଯେଉଁ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ବାଧାପ୍ରାପ୍ତ ହୋଇଛି, ସେଠାରେ ଉପଯୁକ୍ତ ପ୍ରମାଣପତ୍ର ଓ ବିନିଯୋଗ ନଥିପତ୍ର ବଜାୟ ରଖି ମୋଦିତ ବିକଳ୍ପ ମାଧ୍ୟମରେ ଅର୍ଥ ପ୍ରଦାନ କରାଯିବ।ଦୈନିକ ଅଗ୍ରଗତି ରିପୋର୍ଟ: ଚାଉଳ ଏବଂ ନଗଦ ଅର୍ଥ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୫:୦୦ ସୁଦ୍ଧା ବ୍ଲକ-ୱାରୀ ଦୈନିକ ଅଗ୍ରଗତି ରିପୋର୍ଟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ (ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର) ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସାତ ଜନମର ସାଥୀ ସାଜିଲା ହତ୍ୟାକାରୀ

ମୋରଡା, ୧୩।୧୧ :(ମନୁନ)ସାତ ଜନମର ସାଥୀ ସାଜିଲା ହତ୍ୟାକାରୀ, ନିଶା ଓ ପାରିବାରିକ କଳହ ନେଲା ଜୀବନ। ନିଶାସକ୍ତ ସ୍ୱାମୀଙ୍କ ଉନ୍ମତ୍ତ ଆଚରଣର କରୁଣ ପରିଣତି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ପଥରନେଶା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗ୍ରାମର ମହାତି ମଲ୍ଲିକ ଓ ତାଙ୍କ ସ୍ତ୍ରୀ କଳ୍ପନା ମଲ୍ଲିକଙ୍କ ମଧ୍ୟରେ ଗତ ବୁଧବାର ରାତିରେ ପାରିବାରିକ କଳହ ହୋଇଥିଲା। ଏହି କଳହ ଉଗ୍ରରୂପ ନେବାରୁ ମହାତି ମଲ୍ଲିକ ଉତ୍ତ୍ୟକ୍ତ ହୋଇ ଘର ବାହାରେ ପଡ଼ିଥିବା ଜାଳେଣି କାଠରେ ସ୍ତ୍ରୀ କଳ୍ପନାଙ୍କୁ ଆକ୍ରମଣ କରିଥିଲେ ଫଳରେ କଳ୍ପନାଙ୍କ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ଖବର ପାଇ ଶୁଳିଆପଦା ପୁଲିସ ତୁରନ୍ତ ପଦକ୍ଷେପ ନେଇ ଥାନାରେ କେଶ ନମ୍ବର ୧୮୯/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ମହାତି ମଲ୍ଲିକଙ୍କୁ ଗିରଫ କରିଛନ୍ତି। ଏହି ଘଟଣାକୁ ନେଇ ପଥରନେଶା ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ପାରିବାରିକ କଳହରୁ ଏଭଳି ଦୁଃଖଦ ଘଟଣା ଘଟିବା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି।

କୁଚିଣ୍ଡା ରେ ୨୩ତମ ବାଲିଯାତ୍ରାର ଶୁଭ ସ୍ତମ୍ଭ ସ୍ଥାପନ

କୁଚିଣ୍ଡା, ୧୩।୧୧ :(ମନୁନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା-ସଇଡା ଭେଡେନ ନଦି କୂଳ ବାଲିଯାତ୍ରା ପଡିଆରେ ୨୩ ତମ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବାଲିଯାତ୍ରା ପାଇଁ ଶୁଭସ୍ତମ୍ଭ କରାଯାଇଛି । ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁ ଙ୍କ ତତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଙ୍କ ଉପସ୍ଥିତି ରେ ପୂଜାର୍ଚ୍ଚନା କରାଯାଇ ଧ୍ୱଜା ସ୍ଥାପନ କରାଯାଇଥିଲା। ସୂଚନା ଅନୁଯାୟୀ ଏହି ଉତ୍ସବ ଆଗାମୀ ନଭେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚଳିତ ବର୍ଷ ଆହୁରି ଅନେକ ସୁନ୍ଦର ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏବର୍ଷ ଗୋଟିଏ ଦିନ ପରିବର୍ତ୍ତେ ଦୁଇଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି କ୍ଷଦଳଗତ ନୃତ୍ୟ, ରଙ୍ଗୀନ କୃଷ୍ଣ ଗୁରୁ ଓ ସମ୍ବଲପୁରୀ ଫେସନ ଶୋ ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏହି ଶୁଭ ସ୍ତମ୍ଭ ସ୍ଥାପନ ଅବସରରେ ସମ୍ପାଦକ ଖଗେଶ୍ୱର ସେନାପତି,ସହ ସମ୍ପାଦକ ବିଶ୍ୱନାଥ କଣ୍ଡରା,ଶିବ ନାରାୟଣ ସାହୁ,ଉପସଭାପତି ରାଜେଶ ସାହୁ, କୋଷାଧକ୍ଷ ଖିରୋଦ ସା,ପୋଲଷି ପାତ୍ର, ପୂଜକ ପ୍ରକାଶ ପୁରୋହିତ ଙ୍କ ସହିତ କର୍ତ୍ତା ବିଶ୍ୱ ପୃଷେଠ, ସୁବ୍ରତ ରକ୍ୱା,କାହ୍ନା ସା,ସଚିନ ପୃଷେଠ,ମଦନ ପୃଷେଠ,ମୁକୁନ୍ଦ ବାଘ,ସାଜନ ସା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ କ୍ରୀଡା ଆରମ୍ଭ

ଅନୁଗୋଳ, ୧୩।୧୧ :(ମନୁନ)ସ୍ଥାନୀୟ ଗାନ୍ଧିମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ ତମ ବାର୍ଷିକ କ୍ରୀଡାର ଶୁଭ ଉଦଘାଟନ ହୋଇଯାଇଅଛି। ଉଦଘାଟନ ଉତ୍ସବରେ ଜାତୀୟ ସ୍ତରର ଫୁଟବଲ ଖେଳାଳି ଓ କୋଚ୍ ରଣଜିତ ଇଗ୍ନାଶିୟସ ଟିଗା ମୁଖ୍ୟ ଅତିଥ୍ୟ ଭାବେ ଉପସ୍ଥିତ ରହି କ୍ରୀଡାର ଶୁଭଉଦଘାଟନ କରିଥିଲେ । ଯେପରି ଶିକ୍ଷା ମସ୍ତିଷ୍କର ବିକାଶ କରିଥାଏ ଠିକ୍ ସେହିଭଳି କ୍ରୀଡ଼ା ଶାରିରୀକ ବିକାଶ ସହିତ ଅନୁଶାସନର ଶିକ୍ଷାପ୍ରଦାନ କରିଥାଏ ବୋଲି ସେ ଶିଶୁଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇଙ୍କ ଅଧ୍ୟକ୍ଷତାରେଆୟୋଜିତ ଉତ୍ସବରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଡକ୍ଟର ସୁଧାକର ପାଳ, ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନକୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ,+୨ ବିଜ୍ଞାନ ଅଧ୍ୟକ୍ଷ ଡ଼ ସିଦ୍ଧନାଥ ସାହୁ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଅନ୍ୟତମଅତିଥି ଭାବରେ ଉପସ୍ଥିତ ଥିଲେ । ଉଦଘାଟନ ଉତ୍ସବରେ ଶିଶୁମାନଙ୍କ ଦ୍ୱାରା ଘୋଷ , ଡ଼ମ୍ବେଲ୍ , ଯୋଗଚାପ ଓ ନୃତ୍ୟ ଆଦି ଶାରୀରିକପ୍ରଦର୍ଶନ ହୋଇଥିଲା । ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା ବୁଢୀ ଠାକୁରାଣୀଙ୍କ ପୀଠରୁ କ୍ରୀଡ଼ା ଜ୍ୟୋତି ଅଣାଯାଇ କ୍ରୀଡ଼ା ସମାରାହକୁ ଉଦ୍ଘାଟନ କରାଯାଇଛି । ବିଦ୍ୟାଳୟର ଶିଶୁ, ବାଳ, କିଶୋର ଓ ତରୁଣ ବର୍ଗର ବିଭିନ୍ନ କ୍ରୀଡ଼ାରେ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ ରିବେ ।ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଫୁଲେନ୍ଦୁ ପ୍ରଧାନ ତଥା ସମସ୍ତ ଗୁରୁଜୀ ଗୁରୁମା କ୍ରୀଡ଼ା ପରିଚାଳକ ଭାବରେ କାର୍ଯ୍ୟ ତୁଲାଇବେ । ଏହି କ୍ରୀଡ଼ା ୩ ଦିନିଦିନ ଧରି ଚାଲିବ ।

ସାଲିସ୍‌ବିହୀନ ରାଜନେତା ଥିଲେ ପ୍ରଦୀପ୍ତ କିଶୋର ଦାସ

ମାହାଙ୍ଗା, ୧୩।୧୧ :(ମନୁନ) ମାହାଙ୍ଗା ନିର୍ବାଚନ ମଣ୍ଡଳର ପୂର୍ବତନ ବିଧାୟକ ତଥା ଓଡ଼ିଶାର ପ୍ରାକ୍ତନ ଶିକ୍ଷା ଓ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ୍ତ କିଶୋର ଦାସଙ୍କ ୧୦୭ତମ ଜୟନ୍ତୀ ତାଙ୍କ ଜନ୍ମମାଟି କୁଣ୍ଡିପଂଚାୟତ ହାଇସ୍କୁଲ ପ

ଆଞ୍ଚଳିକ ସମୁନ

ପୃଷ୍ଠା ୩

ଶନିବାର, ୧୪ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday,14 November 2026, Bhubaneswar



ଗୋଲିଆରେ ତ୍ରିଦିବସୀୟ ପ୍ରବଚନ କାର୍ଯ୍ୟକ୍ରମ

ବୁଗୁଡ.୧୩।୧୧ :(ମନ୍ଥନ) ବୁଗୁଡ଼ା ବ୍ଲକର ଗୋଲିଆ ଗ୍ରାମରେ ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଅବସରରେ ତ୍ରିଦିବସୀୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସୁନାମଧନ୍ୟ ପ୍ରବଚକ ପ୍ରଦୀପ କୁମାର ନନ୍ଦ ଯୋଗ ଦେଇ ପ୍ରବଚନ ପ୍ରଦାନ କରୁଥିବା ବେଳେ ଶ୍ରଦ୍ଧାଳୁ ଶ୍ରୋତାଙ୍କ ସମାବେଶ ଘଟିଥିଲା । ଗ୍ରାମର ଲଙ୍ଗଳେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପରିଚାଳନାରେ ସଦସ୍ୟଗଣ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

ପୋଷ୍ଟାଲ ଗ୍ରାହକଙ୍କ ଟଙ୍କା ହଡପ : ଡାକ କର୍ମଚାରୀ ଙ୍କୁ ୩ ବର୍ଷ ଜେଲ ଦଣ୍ଡ

ଅନୁଗୋଳ,୧୩।୧୧ :(ମନ୍ଥନ)ଗ୍ରାହକଙ୍କ ସଂଚୟ ଟଙ୍କା ହଡପ କରିବାରୁ ଜଣେ ଡାକ କର୍ମଚାରୀ ଙ୍କୁ ମାନ୍ୟବର ଅଦାଲତ ତିନି ବର୍ଷ ସଶ୍ରମ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ ଅଶ୍ୱତ୍ଥାମା ନାୟକ ଅନୁଗୋଳ ହେଡ଼ ପୋଷ୍ଟ ଅଫିସ ଅଧୀନରେ ଥିବା ପୁରୁଣାଗଡ଼ ଶାଖା ପୋଷ୍ଟ ଅଫିସ ରେ ଜଣେ ଜିଡ଼ିଏସ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୮. ୭. ୨୦୧୫ ଦିନ ଅରକ୍ଷିତ ସାହୁ ଏବଂ ଟୁଟୁଲାର ସାହୁ ଙ୍କ ଏକ ଯୁଗ୍ମ ଆକାଉଣ୍ଟ ଖୋଲାଯାଇ ୮୫ହଜାର ଟଙ୍କା ଜମା ରଖା ଯାଇଥିଲା। ଅଶ୍ୱତ୍ଥାମା ଚଞ୍ଚକତା କରି ଗ୍ରାହକଙ୍କୁ ସଠିକ ରସିଦ ଦେଇଥିବା ବେଳେ ରସିଦ ବହିର ଦ୍ୱିତୀୟ ଓ ତୃତୀୟ ପୃଷ୍ଠା ରୁ ଗୋଟିଏ ଶୂନ ଲିଭାଇ ୮, ୫୦୦ ଟଙ୍କା ଡିପୋଜିଟ ହୋଇଥିବା ଦର୍ଶାଇଥିଲେ। ଏହାଦ୍ୱାରା ସେ ୭୬, ୫୦୦ ଟଙ୍କା ହଡପ କରିଥିଲେ। ଏହାପରେ କିଛିମାସ ପରେ ଖୋଳତାଡ଼ ହେବାରୁ ଟଙ୍କା ହଡପ ମାମଲା କଥା ଜଣାପଡିଥିଲା ଏବଂ ପୋଷ୍ଟାଲ ନିରୀକ୍ଷକ ସଂଜୀବ କୁମାର ପ୍ରଧାନ ବନ୍ତଳା ଥାନାରେ ଏତଲା ଦେଇଥିଲେ।ପୋଲିସ ଏହାର ତଦନ୍ତ କରି ମାନ୍ୟବର ସିଜିଏମ ଙ୍କ ଅଦାଲତ କୁ ମାମଲା ପଠାଇଥିଲେ। ଶେଷରେ ମାନ୍ୟବର ବିଚାରପତି ଶରତ କୁମାର ଜେନା ଆଜି ମାମଲାର ବିଚାର କରି ଅଭିଯୁକ୍ତ ଅଶ୍ୱତ୍ଥାମା କୁ ତିନି ବର୍ଷ ସଶ୍ରମ କାରାଦଣ୍ଡ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି ପି ପ୍ରଦୀପ କୁମାର ଦେବତା ଏବଂ ସହଯୋଗୀ ଶିବରାମ ଦେହୁରୀ ମାମଲା ପରିଚାଳନା କରିଥିଲେ।

ପିପିଲିରେ ୯୫୫ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପିପିଲି, ୧୩।୧୧ :(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ କୁଳଶିଖର ପାଟଣାସ୍ଥିତ ମା' ଉତ୍ତରେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ପରିସରରେ ଜୋନ୍ ?ସ୍ତରୀୟ ମଧୁବାବୁ ପେନସନ ଯୋଜନାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଏବଂ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପିପିଲି ବିଡିଓ ସରୋଜ ରାଉତ, ଏବିଡିଓ ଶୈଳବାଳା ତ୍ରିପାଠୀ, ଏସଡିପିଓ ଦେବାଶିଷ ମିଶ୍ର ଏବଂ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ଅତିଥିମାନେ ନୂତନ ପେନସନ ମଞ୍ଜୁରୀ ଓ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ମତ ରଖିଥିଲେ। ଏଣିକି ପେନସନ ପାଇଁ ନିର୍ଦ୍ଦିଷ୍ଟ ଟାର୍ଗେଟକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ୬୦ ବର୍ଷ ବୟସ ପୂରଣ ହେବା ପରେ ଯୋଗ୍ୟ ବ୍ୟକ୍ତିମାନେ ବିଡିଓ କାର୍ଯ୍ୟାଳୟ କିମ୍ବା ୟୁନିଫାଏଡ୍ ପେନସନ ମ୍ୟାନେଜମେଣ୍ଟ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ହିଁ ଏହି ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ସୂଚନା ଅନୁଯାୟୀ, ପିପିଲି ବ୍ଲକରେ ମୋଟ ୨୫୦୯ ଜଣ ହିତାଧିକାରୀଙ୍କ ନାମରେ ନୂତନ ଭତ୍ତା ମଞ୍ଜୁର ହୋଇଛି। ମଧୁବାବୁ ପେନସନ ଯୋଜନାରେ ସାଧାରଣ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୮୦୦ ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦ ଟଙ୍କା ମିଳିବ। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ରାଜ୍ୟ ସରକାର ୩୦୦୦ ଟଙ୍କା ଏବଂ କେନ୍ଦ୍ର ସରକାର ୫୦୦ ଟଙ୍କା ପ୍ରଦାନ କରିବେ ବୋଲି ସାଂସଦ ଡଃ ସମ୍ବିତ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ। ପିପିଲି ବ୍ଲକର ୨୫ଟି ଗ୍ରାମ ପଞ୍ଚାୟତକୁ ତିନୋଟି ଜିଲ୍ଲା ପରିଷଦ ଜୋନ୍ ?ରେ ବିଭକ୍ତ କରାଯାଇଛି। ଏହି କ୍ରମରେ ଆଜି ୨୩ ନମ୍ବର ଜୋନ୍‌ର ଆଠଟି ପଞ୍ଚାୟତ ସହ ୨୪ ନମ୍ବର ଜୋନ୍ ?ର ସହଜପୁର ପଞ୍ଚାୟତକୁ ମିଶାଇ ମୋଟ ୯୫୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସାରଦା ପ୍ରସନ୍ନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମୋନିକା ଦାଶ, କନିଷ୍ଠ ଯନ୍ତ୍ରୀ ଶିଶିର କୁମାର ସାହୁ ଏବଂ ପିଏ ଶିବଶଙ୍କର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅନୁଗୋଳ ଜିଲ୍ଲାରେ ଏକିକୃତ ପେନସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ

ଅନୁଗୋଳ,୧୩।୧୧ :(ମନ୍ଥନ) ପେନସନ୍ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଏକୀକୃତ ପେନସନ ପରିଚାଳନା ପୋର୍ଟାଲ୍ ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପେନସନ୍ ବ୍ୟବସ୍ଥାର ଗୁରୁତ୍ୱ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ସରକାରଙ୍କ ଏହି ଅଭିନବ ପ୍ରୟାସର ପ୍ରଶଂସା କରିଥିଲେ। ଏହି ପୋର୍ଟାଲ ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନେ ଆବେଦନ କରି ମାତ୍ର ଏକ ମାସ ମଧ୍ୟରେ ଭତ୍ତା ପାଇପାରିବେ। ଅନୁଗୋଳ ଜିଲ୍ଲାରେ ଏହି ଅଭିଯାନ ଅଧୀନରେ ମୋଟ ୧୬,୯୫୪ ଜଣ ନୂତନ ହିତାଧିକାରୀଙ୍କୁ ଅକ୍ଟୋବର ମାସଠାରୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳରୁ ଆସିଥିବା ୫୩୦ ଜଣ ନୂତନ ହିତାଧିକାରୀଙ୍କୁ



ଅତିଥିମାନେ ସିଧାସଳଖ ଦୁଇ ମାସର ଭତ୍ତା ପ୍ରଦାନ କରିଥିଲେ। ଭତ୍ତା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଏବଂ ଅଧିକରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରିବା ଲକ୍ଷ୍ୟରେ ୪ଟି ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥଗୁଡ଼ିକ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳ ପରିକ୍ରମା କରି ପେନସନ୍ ଯୋଜନାର ନିୟମାବଳୀ, ଆବଶ୍ୟକୀୟ ଯୋଗ୍ୟତା ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗଷ୍ତି ବେହେରା, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ ପ୍ରଧାନ, ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଅନୁଗୋଳ ପୌରପାଳିକା ଅଧକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ରାଜଶ୍ରୀ ସାହୁ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନୀଷ କୁମାର ଏକ୍କା, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼. ବିଶ୍ୱ ଭୂଷଣଙ୍କ ସମେତ ବିଭାଗୀୟ ଅଧିକାରୀ, ହିତାଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲ୍ଲା ଓୟୁଜେର ସଭାପତି ହେଲେ ସୁଶାନ୍ତ ବେହେରା

ନବରଙ୍ଗପୁର,୧୩।୧୧ :(ମନ୍ଥନ) ନବରଙ୍ଗପୁର ଜିଲ୍ଲା ମିଡ଼ିଆ ୟୁନିୟନ (ଓୟୁଜେ)ର ନିର୍ବାଚନୀ କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଶାନ୍ତ କୁମାର ବେହେରା ପଞ୍ଚମ ଥର ପାଇଁ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ବାରିଜ ପଟ୍ଟନାୟକ ସମ୍ପାଦକ ଏବଂ ବରିଷ୍ଠ ସାମ୍ବାଦିକ ନଳିନୀକାନ୍ତ ମିଶ୍ର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି।ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ମାଲକାନଗିରି ଜିଲ୍ଲା ଓୟୁଜେ ସଭାପତି ଦେବପ୍ରସାଦ ଦାସ ଏବଂ ଓୟୁଜେ ରାଜ୍ୟ ସମ୍ବିଧାନ ସଂଶୋଧନ ସଦସ୍ୟ ଶିବପ୍ରସାଦ କୀର୍ତ୍ତନିଆ ଯୋଗଦେଇ ସମଗ୍ର ନିର୍ବାଚନୀ ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକ ଭାବେ



ଉପସ୍ଥିତ ଥିଲେ। ୫ମଥର ସଭାପତି ନେତୃତ୍ୱ ଚୟନ ପରେ ସଂଘର ସାଂଗଠନିକ ଏକତା ଓ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ସାମ୍ବାଦିକ ଙ୍କ ସୁରକ୍ଷା ଏବଂ ଅଧିକାର କୁ ପ୍ରାଥମିକତା ଦେବେ ବୋଲି ସୁଶାନ୍ତ ବେହେରା କହିଛନ୍ତି ।ଏହି ଅବସରରେ ସେକ୍ ଫାରୁକ, ଉମାଶଙ୍କର ସାହୁ, ଗୀତା ଦେବୀ, ଉପେନ୍ଦ୍ର ଷଡ଼ଙ୍ଗୀ, ଭି. ଶ୍ରୀନିବାସ ରାଓ, ନକୁଳ ଭତ୍ରା, ମନୋଜ କୁମାର ବାଘ, ଜିତେନ୍ଦ୍ର ଦାସ, ରଞ୍ଜିତ ମହାକୁଡ଼, ଜେଷ୍ଠ ସୁନା, ହୃଦୟାନନ୍ଦ ନାୟକ, ସଂଯୁକ୍ତା ରାଉତରାୟ, ଶାନ୍ତନୁ ଚାନ୍ଦ ଓ ପ୍ରଭଞ୍ଜନ ତ୍ରିପାଠୀଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଏହି ନିର୍ବାଚନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକରୁ ୧୫୦ରୁ ଊର୍ଦ୍ଧ୍ୱ ଜିଲ୍ଲା ଓୟୁଜେ ସଂଘର ସାଂଗଠନିକ ମଜବୁତି ଓ ସାମ୍ବାଦିକଙ୍କ ମଧ୍ୟରେ ଥିବା ଏକତାର ପରିଚୟ ଦେଇଥିଲା। ବରିଷ୍ଠ ସାମ୍ବାଦିକ ଗୋପାଳ ନାୟକ, ଚିନ୍ତାନନ୍ଦ ସାହୁ, ବୁଲୁ ପାଢ଼ୀ, ଲକ୍ଷ୍ମୀକାନ୍ତ ପଣ୍ଡା, ସନ୍ତୋଷ କୁମାର ସିଂହଦେଓ, ତ୍ରିନାଥ, ସଞ୍ଜୟ ପାଢ଼ୀ ଓ ସୁମିତ ଘଞ୍ଚ ମଞ୍ଚାସୀନ ଥିଲେ। ମହେଶ୍ୱର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଫାଲ୍ଗୁନି ପାତ୍ର ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

'ଶିକ୍ଷା ହିଁ ଶକ୍ତିଶ୍ରୀକୁ ସଶକ୍ତ କରିବ'

ବଲାଙ୍ଗିର,୧୩।୧୧ :(ମନ୍ଥନ)ଶିକ୍ଷା ହେଉଛି ଏକ ଅମୋଘ ଅସ୍ତ୍ର । ଯେଉଁଥିରେ ସମାଜକୁ ପରିବର୍ତ୍ତନ କରାଯାଇପାରିବ । ଯେଉଁ ସମାଜ ଯେତେ ଶିକ୍ଷିତ ସେ ସେତେ ବିକଶିତ । ନାରୀ ଶିକ୍ଷିତ ହେଲେ ସମ୍ପୂର୍ଣ୍ଣ ପରିବାର ଶିକ୍ଷିତ ହୁଏ । ଯେ ପର୍ଯ୍ୟନ୍ତ ନାରୀ ସମାଜ ଶିକ୍ଷିତ ହୋଇନାହାନ୍ତି, ନିଜ ଅଧିକାର ସମ୍ପର୍କରେ ଜାଣିନାହାନ୍ତି ଏକ ଉନ୍ନତ ସମାଜ ଆଶା କରିବା ବୃଥା । ଅତଏବ ଆଜିର ସମୟରେ ନାରୀ ସ୍ୱାଧୀନଚେତା ହୋଇ କାର୍ଯ୍ୟ କଲେ ଏକ ସ୍ୱର୍ଣ୍ଣିମ ସମାଜ ଗଠନ ହୋଇପାରିବ ବୋଲି ଆୟୋଜିତ ଶକ୍ତିଶ୍ରୀ ସଶକ୍ତିକରଣ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି । ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ମହିମୁଣ୍ଡା ଡିଗ୍ରୀ ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ପକ୍ଷରୁ ମହାବିଦ୍ୟାଳୟ ପରିସରରେ 'ନିଜ ଅଧିକାରକୁ ନିଜେ ଜାଣନ୍ତୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ଦାଶ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଭୁ କଲ୍ୟାଣ ଗଡ଼ତ୍ୟା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାବିଦ୍ୟାଳୟର ଉପସ୍ଥିତ ଛାତ୍ରୀମାନଙ୍କୁ ବିଭିନ୍ନ ଆଇନ ଓ ସାମାଜିକ ଅଧିକାର ବିଷୟରେ ଅବଗତ କରିଥିଲେ । ମହିଳାଙ୍କୁ କେବଳ ପାଠ୍ୟପୁସ୍ତକ ଶିକ୍ଷା ନୁହେଁ, ଆର୍ଥିକ ରୋଜଗାର ଶିକ୍ଷା ଓ ଅଧିକାର ଜରୁରୀ । ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ସ୍ୱପ୍ନକୁ ସାକାର କରି ମହିଳାମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେଲେ ଏକ ସ୍ୱର୍ଣ୍ଣିମ ସମାଜ ଗଠନ ହେବା ସଙ୍ଗେ ସଙ୍ଗେ ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି ମତଦେଇଥିଲେ । ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍‌ର ସଞ୍ଚାଳିକା ସ୍ମିତାଞ୍ଜଳି ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଈଶ୍ୱର ସାହୁ, ଅଧ୍ୟାପକ ପ୍ରେମରାଜ ଗଡ଼ତ୍ୟା ଓ ଅଧ୍ୟାପିକା ଜ୍ୟୋତିର୍ମୟୀ ବେହେରା ସହଯୋଗ କରିଥିଲେ । ଶେଷରେ ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ରାଜକୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନବରଙ୍ଗପୁର,୧୩।୧୧ :(ମନ୍ଥନ) ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ଜିଲ୍ଲା ପ୍ରଶାସନ, ନବରଙ୍ଗପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି ।ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଶ୍ରୀ ସିଦ୍ଧାର୍ଥ ପାଢ଼ୀ ଯୋଗଦେଇଥିବାବେଳେ ରାଜ୍ୟସ୍ତରୀୟ ସାଧନକର୍ମୀ ତଥା ଭାଷାବିତ୍ ଶ୍ରୀ ପରମେଶ୍ୱର ମୁଣ୍ଡ, ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ଡ. ବିପ୍ଳବ ରଞ୍ଜନ ପ୍ରଧାନ ଓ ଶ୍ରୀ ପ୍ରଶାନ୍ତ କୁମାର ନାୟକ ପ୍ରଶିକ୍ଷକ ଭାବେ




ଯୋଗଦେଇଥିଲେ। ନଭେମ୍ବର ୧୨ ଓ ୧୩ ତାରିଖରେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ଅଂଶଗ୍ରହଣ କରି ସରକାରୀ ନଥି ପ୍ରସ୍ତୁତି, ଚିଠିପତ୍ର ଓ ଦସ୍ତାବିଜ ଲିଖନ, ଓଡ଼ିଆ ଭାଷାରେ ଟିପ୍ପଣୀ ଓ ଆଦେଶନାମା ପ୍ରସ୍ତୁତି, ପ୍ରଶାସନିକ ଶବ୍ଦାବଳୀର ବ୍ୟବହାର ତଥା ନୈନନ୍ଦିନ ଦପ୍ତରୀୟ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ନେଇଥିଲେ।ଉଦ୍ ?ଯାପନୀ ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ଖୋସଲା ଏବଂ ଜିଲ୍ଲା ସଂସ୍କୃତି ଉନ୍ନୟନ ଅଧିକାରୀ ଶ୍ରୀ ଘାସିଆ ହରିଜନ ଉପସ୍ଥିତ ରହି ସମସ୍ତ ସରକାରୀ ଚିଠିପତ୍ର, ନଥିପତ୍ର ପ୍ରସ୍ତୁତି ଓ ନୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେମାନେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।ପ୍ରଶିକ୍ଷଣ ଶିବିରର ପରିଚାଳନାରେ ଶ୍ରୀ ଆତ୍ମପ୍ରକାଶ ଏବଂ ଶ୍ରୀ ସନ୍ତୋଷ କୁମାର ସହଯୋଗ କରିଥିଲେ।

୧୩୫ ଲିଟର ଦେଶୀ ମଦ ସହ ବାଇକ୍ ଜବତ, ୨ ଗିରଫ

ବୁଗୁଡ଼ା,୧୩।୧୧ :(ମନ୍ଥନ) ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ଦୁଇଟି ସ୍ଥାନରେ ଚଢାଉ କରାଯାଇ ମୋଟ ୧୩୫ ଲିଟର ଦେଶୀ ମଦ ଓ ଗୋଟିଏ ବାଇକ୍ ଜବତ ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୁଗୁଡ଼ା ଅବକାରୀ ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ସୋମନାଥ ଗୌଡ ଓ ଆଦିପୁର ଗ୍ରାମର ସୁର ମହାନ୍ତି ।ଏ ନେଇ ଅବକାରୀ ଥାନାରେ ଯଥାକ୍ରମେ କେସ୍ ନଂ ୧୧୭/୨୬-୨୭ ଓ ୧୧୮/୨୦୨୬-୨୭ ରେ ଦୁଇଟି ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ବୁଗୁଡ଼ା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଗୋଲି

ଶନିବାର ୧୪ ନଭେମ୍ବର, ୨୦୨୬, ଭୁବନେଶ୍ୱର

Saturday November 14, 2026 Bhubaneswar



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବଉମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ପ୍ରେମର ପ୍ରତିଶ୍ରୁତି ବିବାହ ପରେ ପ୍ରଶ୍ନବାଚୀ

ଦିପ୍ତିମୟୀ ନାୟକ

ଝିଅମାନେ ପ୍ରେମରେ କେତେ ଅନ୍ଧ ଏହି ପ୍ରଶ୍ନର ଉତ୍ତର ହୁଏତ ସମସ୍ତଙ୍କ ପାଖରେ ଏକାଭଳି ନଥିବ । କାରଣ ସବୁ ଝିଅ ପ୍ରେମରେ ଅନ୍ଧ ହୋଇଯାଆନ୍ତି ନାହିଁ କିନ୍ତୁ କିଛି ଝିଅ ନିଜ ଭଲପାଇବାକୁ ଏତେ ଗଭୀର ଭାବରେ ବିଶ୍ୱାସ କରିବସନ୍ତି ଯେ, ସେହି ବିଶ୍ୱାସ ଆଗରେ ନିଜ ସୁଖ, ନିଜ ଇଚ୍ଛା, ନିଜ ପରିବାର ଏପରିକି ନିଜ ଅସ୍ତିତ୍ୱକୁ ମଧ୍ୟ ଭୁଲିଯାଆନ୍ତି । ଯାହାକୁ ଭଲପାଆନ୍ତି ତା’ ପାଇଁ କିଛିବି କରିଦେବାକୁ ପଛାନ୍ତିନାହିଁ କିନ୍ତୁ ସେହି ଭଲପାଇବାର ପ୍ରତିଦାନରେ ଯଦି ଅବହେଳା, ଅପମାନ ଓ ପ୍ରତାରଣା ମିଳେ ତେବେ ସେହି ହୃଦୟର ଅବସ୍ଥା କେମିତି ହୁଏ ତାହା କେବଳ ସେହି ମଣିଷ ହିଁ ଜାଣେ ।

ତେବେ ଜୀବନରେ କିଛି ସମ୍ପର୍କ ଏମିତି ଥାଏ ଯାହାର ଆରମ୍ଭ ହୁଏ ହସରୁ ଆଉ ଶେଷ ହୋଇଥାଏ ଲୁହରେ । କିଛି ପ୍ରତିଶ୍ରୁତି ଏମିତି ଥାଏ ଯାହା ଶୁଣିବା ବେଳେ ସାରା ଜୀବନର ସୁନ୍ଦର ସ୍ୱପ୍ନ ଦେଖାଏ କିନ୍ତୁ ସମୟ ଗଡ଼ିବା ସହ ସେହି ପ୍ରତିଶ୍ରୁତି ହିଁ ମନରେ ଯନ୍ତ୍ରଣା ସୃଷ୍ଟି କରେ । ପ୍ରେମରେ ଥିବାବେଳେ ଯେଉଁ ମଣିଷଟି ଦୁନିଆର ସବୁଠାରୁ ଭଲ ଲାଗେ ବେଳେବେଳେ ବିବାହ ପରେ ସେହି ମଣିଷଟି ଅଜଣା ଲାଗିବାକୁ ଆରମ୍ଭ କରେ । ତେବେ ପ୍ରଶ୍ନ ହେଉଛି ମଣିଷ ବଦଳିଯାଏ ନା ପ୍ରେମ ନାଁରେ ଆମେ ଯାହାକୁ ଦେଖିବାକୁ ଚାହୁଁଥାଉ ସେହି ଚିତ୍ରଟି ହିଁ ଆମକୁ ଭୁଲ୍ ଦେଖାଯାଏ ।

ଯଦି ଆମେ କହିବା ପ୍ରେମ ଏକ ସୁନ୍ଦର ଅନୁଭବ । ଏହାର କୌଣସି ବୟସ ନାହିଁ, କୌଣସି ଜାତି ନାହିଁ, କୌଣସି ସୀମା ନାହିଁ । ଦୁଇଟି ମନ ଯେତେବେଳେ ପରସ୍ପରକୁ ବୁଝିବାକୁ ଚେଷ୍ଟା କରନ୍ତି ସେତେବେଳେ ଏକ ସମ୍ପର୍କର ଜନ୍ମ ହୁଏ କିନ୍ତୁ ସେହି ସମ୍ପର୍କରେ ଯଦି ସତ୍ୟତା, ବିଶ୍ୱାସ ଓ ସମ୍ମାନ ନଥାଏ ତେବେ ପ୍ରେମର ସୁନ୍ଦର ରୂପ ଧୀରେ ଧୀରେ ଯନ୍ତ୍ରଣାରେ ପରିଣତ ହୋଇଯାଏ ।କିଛି ଝିଅ ପ୍ରେମରେ ଏତେ ଗଭୀର ଭାବରେ ଜଡ଼ିତ ହୋଇଯାଆନ୍ତି ଯେ, ଯାହାକୁ ଭଲପାଆନ୍ତି ତାଙ୍କ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି । ନିଜ ଖୁସିଠାରୁ ଅଧିକ ତାଙ୍କ ଖୁସିକୁ ଗୁରୁତ୍ୱ ଦିଅନ୍ତି । ନିଜ ଇଚ୍ଛାକୁ ପଛରେ ପକାଇ ତାଙ୍କ ଇଚ୍ଛାକୁ ସମ୍ମାନ ଦିଅନ୍ତି । ତାଙ୍କ ସହ ଭବିଷ୍ୟତର ସ୍ୱପ୍ନ ଦେଖନ୍ତି । ଭାବନ୍ତି ଏହି ମଣିଷଟି ହିଁ ମୋ ଜୀବନର ଶେଷ ଠିକଣା କିନ୍ତୁ ସବୁ ପ୍ରେମର ଶେଷ ବିବାହ ହୁଏନାହିଁ ଆଉ ସବୁ ବିବାହରେ ପ୍ରେମ ବଞ୍ଚି ରହେନାହିଁ ।ଏହି କଥା ଲେଖିବା ପଛରେ ମୋର କୌଣସି କଳ୍ପନା ନାହିଁ । ଏହା ଜଣେ ସାଙ୍ଗର ଲୁହଭିଜା କଥାରୁ ଜନ୍ମ ନେଇଥିବା ଏକ ଅନୁଭୂତି ।

ଅନେକ ଦିନ ପରେ ମୋର ଜଣେ ସାଙ୍ଗର ଫୋନ୍ ଆସିଥିଲା । ଫୋନ୍ ଆସିବା ମାତ୍ରେ ମୁଁ ବହୁତ ଖୁସି ହୋଇଯାଇଥିଲି । ଭାବିଥିଲି ଆଜି ପୁରୁଣା ଦିନର କଥା ହେବ, ହସ ମଜା ହେବ, ଜୀବନର ଭଲମନ୍ଦ ବିଷୟରେ ଆଲୋଚନା ହେବ କିନ୍ତୁ ଫୋନ୍ ?ର ଅନ୍ୟ ପାର୍ଶ୍ୱରୁ ଆସିଥିବା ତା’ର ସ୍ୱର ମୋତେ ହଠାତ୍ ଚୁପ୍ କରିଦେଲା ।ସେ କାନ୍ଦ କାନ୍ଦ ସ୍ୱରରେ କହିଲା ଦିପ୍ତି ମୋ ପାଇଁ କିଛି ଲେଖିବୁ ନା ।

ମୁଁ ହସି ହସି ପଚାରିଲି କ’ଣ ହେଲା । ମୁଁ ତୋ ପାଇଁ କ’ଣ ଲେଖିବି । ସେ କହିଲା ତୁ ତ ବାହା ହୋଇନୁ । ତୋ ପାଖରେ ତୋ ସାଙ୍ଗମାନେ ଅଛନ୍ତି । ତୁ ନିଜ ଇଚ୍ଛାରେ ଜୀବନ କାଟୁଛୁ । ତୁ ଖୁସିରେ ଅଛୁ । କିନ୍ତୁ ମୁଁ ତ ତୋର ବିବାହ କଲି । ଯାହାକୁ ଦିନେ ନିଜ ଜୀବନର ସବୁକିଛି ଭାବିଥିଲି ଆଜି ତା’ ସହ ରହି ମୋତେ ଲାଗୁଛି ମୋ ଜୀବନଟା ବର୍ବାଦ ହୋଇଗଲା । ତା’ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାରଣ ସେହି ପୁଅକୁ ମୁଁ ମଧ୍ୟ ଜାଣିଥିଲି । ମୋ ଆଖିରେ ସେ ଖରାପ ପିଲା ନଥିଲା । ମୁଁ କହିଲି କାହିଁକି । ସେ ତ ଭଲ ପିଲା ଥିଲା । ତେବେ ଏମିତି କ’ଣ ହେଲା ।ସେ ଦୀର୍ଘଶ୍ୱାସ ନେଇ କହିଲା ଦିପ୍ତି ଶୁଣୁ ପୁଅମାନେ ଅନ୍ୟମାନଙ୍କ ପାଇଁ ଭଲ ହୋଇପାରନ୍ତି । ଭଲ ସାଙ୍ଗ ହୋଇପାରନ୍ତି, ଭଲ ପୁଅ ହୋଇପାରନ୍ତି, ସମସ୍ତଙ୍କ ଆଗରେ ଭଲ ମଣିଷର ପରିଚୟ ଦେଇପାରନ୍ତି କିନ୍ତୁ ଜଣେ ଭଲ ସ୍ୱାମୀ ହେବା ପାଇଁ ଯେଉଁ ବୁଝାମଣା, ଦାୟିତ୍ୱ ଓ ସମ୍ମାନ ଦରକାର ସେସବୁ ସମସ୍ତଙ୍କ ପାଖରେ ନଥାଏ ।ତା’ର ଏହି କଥା ମୋ ମନକୁ ଛୁଇଁଗଲା । ମୁଁ ତୁରନ୍ତ କହିଲି ଆଚ୍ଛା ରହ ମୁଁ ସେହି ପୁଅକୁ ଫୋନ୍ କରି ପଚାରୁଛି କିନ୍ତୁ ସେ ମନା କରିଦେଲା । କହିଲା ନା ତାକୁ କିଛି ପଚାରିବା ଦରକାର ନାହିଁ । ତୁ କେବଳ ମୋ କଥା ଶୁଣ ।ତା’ପରେ ଯାହା ଶୁଣିଲି ତାହା ମୋତେ ଭିତରୁ ଦୋହଲାଇ ଦେଲା । ତା’ ଆଖିର ଲୁହ ହୁଏତ ମୁଁ ଫୋନ୍ ?ରେ ଦେଖିପାରୁନଥିଲି କିନ୍ତୁ ତା’ର ପ୍ରତ୍ୟେକ କଥାରେ ସେହି ଯନ୍ତ୍ରଣାକୁ ଅନୁଭବ କରିପାରୁଥିଲି ।ସେ ଯାହାକୁ ଭଲପାଇଥିଲା ତାକୁ ନିଜ ଜୀବନର ସାଥୀ ଭାବରେ ବାଛିଥିଲା । ତା’ର କଥାକୁ ବିଶ୍ୱାସ କରିଥିଲା । ତା’ର ପ୍ରତିଶ୍ରୁତିକୁ ସତ ଭାବି ନିଜ ଜୀବନର ଅନେକ ନିଷ୍ପତ୍ତି ନେଇଥିଲା । ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ମଧ୍ୟ ଗଢ଼ିଉଠିଥିଲା । ସେ ଭାବିଥିଲା ଯାହା ସହ ଏତେ ନିବିଡ଼ ସମ୍ପର୍କ ସେହି ମଣିଷଟି ହିଁ ଦିନେ ତା’ର ଜୀବନସାଥୀ ହେବ । ସାରା ଜୀବନ ତା’ର ହାତ ଧରି ଚାଲିବ ।ପ୍ରେମରେ ଥିବାବେଳେ ତା’ ପାଇଁ ସେହି ପୁଅଟି ହିଁ ଦୁନିଆ ଥିଲା । ତା’ର ଫୋନ୍ ଆସିଲେ ମନ ଖୁସି ହେଉଥିଲା, ତା’ର ମେସେଜ୍ ଆସିଲେ ମୁହଁରେ ହସ ଫୁଟୁଥିଲା । ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଥିଲା । ଏକାଠି ଘର କରିବେ, ସୁଖଦୁଃଖ ବାଣ୍ଟିବେ, ଛୋଟ ଛୋଟ ଇଚ୍ଛା ପୂରଣ କରିବେ । ଏହି ସ୍ୱପ୍ନଗୁଡ଼ିକ ତା’ ପାଇଁ କେବଳ କଳ୍ପନା ନଥିଲା ଏହା ଥିଲା ତା’ର ଆଗାମୀ ଜୀବନର ଆଶା ଥିଲା କିନ୍ତୁ ବିବାହ ପରେ ସେହି ସ୍ୱପ୍ନର ରଙ୍ଗ ଧୀରେ ଧୀରେ ଫିକା ପଡ଼ିବାକୁ ଲାଗିଲା । ଯେଉଁ ସମ୍ପର୍କରେ ଦିନେ ଜାତି, ଧର୍ମ, ପରିବାର କିଛି ବାଧା ହୋଇନଥିଲା ବିବାହ ପରେ ସେହି ସବୁ କଥା ହିଁ ପ୍ରଶ୍ନ ହୋଇ ଠିଆ ହେଲା । ଯେଉଁ ମଣିଷ ଦିନେ ତାକୁ ନିଜର ବୋଲି ଗ୍ରହଣ କରିଥିଲା ସେହି ମଣିଷ ଆଜି ତା’ର ପରିଚୟ ଓ ଜାତିକୁ ନେଇ ଅସହଜତା ପ୍ରକାଶ କରୁଥିଲା । ଯଦି ଜାତି ଏତେ ବଡ଼ କଥା ଥିଲା ତେବେ ପ୍ରେମ କରିବା ପୂର୍ବରୁ ମନେ ପଡ଼ିଲା ନାହିଁ କାହିଁକି । ଯଦି ପରିବାରର ମତ ଏତେ ଜରୁରୀ ଥିଲା ତେବେ ଜଣେ ଝିଅକୁ ଜୀବନସାଥୀ ହେବାର ସ୍ୱପ୍ନ ଦେଖାଇବା ପୂର୍ବରୁ ସତ କଥା କହିବାର ସାହସ ହେଲା ନାହିଁ କାହିଁକି।ପ୍ରେମ କରିବା ସମୟରେ ଯଦି ଦୁଇଜଣ ମଣିଷ ନିଜ ନିଜର ପରିଚୟକୁ ଗ୍ରହଣ କରିଥିଲେ



ତେବେ ବିବାହ ପରେ ସେହି ପରିଚୟକୁ ନେଇ ଅପମାନ କରିବାର ଅଧିକାର କାହାକୁ ମିଳିଲା । ଜାତି ଯଦି ସମ୍ପର୍କଠାରୁ ବଡ଼ ଥିଲା ତେବେ ସେହି ସମ୍ପର୍କ ଗଢ଼ିବା ପୂର୍ବରୁ ସ୍ପଷ୍ଟ କଥା କହିବା ଉଚିତ୍ ନଥିଲା କି ।

କେବଳ ଜାତି ନୁହେଁ ତା’ର ଶରୀରକୁ ନେଇ ମଧ୍ୟ ତାଚ୍ଛଲ୍ୟ କରାଯାଉଥିବା କଥା ସେ କହିଲା । ଏହା ଶୁଣି ମୋତେ ଅଧିକ କଷ୍ଟ ହେଲା । ଯେଉଁ ଶରୀରକୁ ଦିନେ ଭଲପାଇବାର ଅଂଶ କୁହାଯାଉଥିଲା ଆଜି ସେହି ଶରୀରକୁ ନେଇ ଉପହାସ କରାଯାଉଛି । ଯେଉଁ ମଣିଷ ପାଖରେ ଜଣେ ନାରୀ ନିଜକୁ ସବୁଠାରୁ ସୁରକ୍ଷିତ ମନେ କରିବା କଥା ସେହି ମଣିଷ ଯଦି ତା’ର ଆତ୍ମସମ୍ମାନକୁ ଆଘାତ ଦିଏ ତେବେ ସେ ନିଜ ମନର କଥା କାହାକୁ କହିବ ।

ଶରୀର କ’ଣ ମଣିଷର ଭଲପାଇବାର ଏକମାତ୍ର ମାପକାଠି । ସମୟ ସହିତ ଶରୀର ବଦଳିବ, ବୟସ ବଢ଼ିବ, ରୂପ ବଦଳିବ, ଜୀବନରେ ଅନେକ ପରିବର୍ତ୍ତନ ଆସିବ । ଆଜି ଯେଉଁ ରୂପକୁ ନେଇ ଆକର୍ଷଣ ରହିଛି କାଲି ସେଥିରେ ପରିବର୍ତ୍ତନ ଆସିବା ସ୍ୱାଭାବିକ । ଯଦି ସମ୍ପର୍କର ମୂଳପୁଞ୍ଜା କେବଳ ରୂପ ଓ ଶରୀର ଉପରେ ରହିଥାଏ ତେବେ ସେହି ସମ୍ପର୍କ କେତେଦିନ ରହିପାରିବ । ପ୍ରକୃତ ପ୍ରେମ ତ ମଣିଷର ମନ,ଚିନ୍ତାଧାରା, ସ୍ୱଭାବ ଓ ବ୍ୟକ୍ତିତ୍ୱକୁ ଗ୍ରହଣ କରିବାରେ ରହିଛି ।ଜଣେ ନାରୀର ଶରୀରକୁ ନେଇ ମନ୍ତବ୍ୟ ଦେବା ଅତି ସହଜ କିନ୍ତୁ ସେହି କଥା ତା’ ମନରେ କେତେ ଗଭୀର ଆଘାତ ସୃଷ୍ଟି କରେ ତାହା ଅନେକେ ବୁଝିବାକୁ ଚାହାନ୍ତି ନାହିଁ । ହୁଏତ ସେ ବାହାରେ ହସୁଥିବ ସମସ୍ତଙ୍କ ସହ ସାଧାରଣ ଭାବେ କଥା ହେଉଥିବ କିନ୍ତୁ ମନ ଭିତରେ ନିଜକୁ ନେଇ ହୀନମନ୍ୟତାରେ ଭାଙ୍ଗିପଡୁଥିବ । ନିଜକୁ ନେଇ ପ୍ରଶ୍ନ କରୁଥିବ । ଯେଉଁ ମଣିଷକୁ ଖୁସି କରିବା ପାଇଁ ସେ ଏତେ କିଛି କରିଛି ସେହି ମଣିଷ ତାକୁ ଗ୍ରହଣ କରିପାରୁନାହିଁ କାହିଁକି ବୋଲି ଭାବୁଥିବ ।ଏହା ହିଁ ସମ୍ପର୍କର ସବୁଠାରୁ ବଡ଼ ଦୁଃଖ । ନିଜ ଘରେ ରହି ମଧ୍ୟ ଜଣେ ମଣିଷ ନିଜକୁ ଅତିଥି ଭଳି ଅନୁଭବ କରିବା । ନିଜ ସ୍ୱାମୀ ପାଖରେ ରହି ମଧ୍ୟ ମନର କଥା କହିବାକୁ ଭୟ କରିବା । ନିଜ ଦୁଃଖକୁ ପ୍ରକାଶ କଲେ ପୁଣି ଅପମାନ ମିଳିବ ବୋଲି ଭାବି ଚୁପ୍ ରହିବା । ଏହା କ’ଣ ସଂସାର ନା ଏହା କେବଳ ସାମାଜିକ ଭାବରେ ଗୋଟିଏ ବିବାହିତ ସମ୍ପର୍କର ନାଁ ମାତ୍ର ।

ତେବେ ଆମ ସମାଜରେ ଏକ ବିଚିତ୍ର ମାନସିକତା ଦେଖିବାକୁ ମିଳେ । ପ୍ରେମ ସମୟରେ ଅନେକ ପ୍ରତିଶ୍ରୁତି ଦିଆଯାଏ । ତୁମ ବିନା ବଞ୍ଚିପାରିବିନି, ସାରା ଜୀବନ ତୁମର ହୋଇ ରହିବି, ସବୁ ପରିସ୍ଥିତିରେ ତୁମ ସାଥିରେ ରହିବି ଭଳି କଥା ଶୁଣିବାକୁ ମିଳେ କିନ୍ତୁ ବିବାହ ପରେ ସେହି ପ୍ରତିଶ୍ରୁତିର ମୂଲ୍ୟ କେତେ ରହେ । ପ୍ରେମ ବେଳେ ଯିଏ ସବୁକିଛି ପାଇଁ ଲଢ଼ିବାକୁ ପ୍ରସ୍ତୁତ ଥାଏ ସେହି ମଣିଷ ବିବାହ ପରେ ନିଜ ସାଥୀର ସମ୍ମାନ ପାଇଁ କାହିଁକି ଠିଆ ହୋଇପାରେନାହିଁ ।ବିବାହ କେବଳ ଦୁଇଟି ପରିବାରର ମିଳନ ନୁହେଁ । ଏହା ଦୁଇଟି ମଣିଷର ଜୀବନକୁ ଏକାଠି ଗଢ଼ିବାର ନିଷ୍ପତ୍ତି । ଏଥିରେ ଭଲପାଇବା ସହିତ ଦାୟିତ୍ୱ, ବୁଝାମଣା, ସହନଶୀଳତା ଓ ପାରସ୍ପରିକ ସମ୍ମାନ ରହିବା ଆବଶ୍ୟକ । ବିବାହ ପରେ ଜଣେ ନାରୀ ନୂଆ ପରିବେଶକୁ ଆସେ । ନୂଆ ଲୋକ, ନୂଆ ସମ୍ପର୍କ ଓ ନୂଆ ଦାୟିତ୍ୱ ସହ ନିଜକୁ ଖାପଖୁଆଇବାକୁ ଚେଷ୍ଟା କରେ । ଏହି ସମୟରେ ତାକୁ ସ୍ୱାମୀଙ୍କ ସହଯୋଗ ଓ ଭରସା ଦରକାର । ଯଦି ସେହି ସ୍ଥାନରୁ ତାକୁ ଅବହେଳା ଓ ଅପମାନ ମିଳେ ତେବେ ତା’ର ମନ ଭାଙ୍ଗିଯିବା ସ୍ୱାଭାବିକ ।ଜଣେ ନାରୀ ସବୁବେଳେ ଦାମୀ ଉପହାର, ବଡ଼ ଘର କିମ୍ବା ଆଡ଼ମ୍ବରପୂର୍ଣ୍ଣ ଜୀବନ ଆଶା କରେନାହିଁ । ତା’ର ଛୋଟ ଛୋଟ ଇଚ୍ଛା ଥାଏ । ସେ ଚାହେଁ ତା’ର କଥାକୁ କେହି ଧୈର୍ଯ୍ୟର ସହ ଶୁଣୁ । ମନ ଖରାପ ହେଲେ କେହି ତାକୁ ବୁଝାଉ । ଅସୁବିଧା ସମୟରେ ତା’ର ହାତ ଧରି କହୁ ମୁଁ ଅଛି ଚିନ୍ତା କରନାହିଁ । ତା’ର ଦୁର୍ବଳତାକୁ ନେଇ ହସିବା ପରିବର୍ତ୍ତ ? ତାକୁ ସାହସ ଦିଆଯାଉ । ଏତିକି ହିଁ ଅନେକ ସମୟରେ ଜଣେ ନାରୀ ପାଇଁ ବଡ଼ ସୁଖ କିନ୍ତୁ ଆମେ ଅନେକ ସମୟରେ ନାରୀର ନୀରବତାକୁ ତା’ର ସମ୍ମତି ବୋଲି ଭାବିନେଉ । ସେ କିଛି କହୁନାହିଁ ମାନେ ସବୁ ଠିକ୍ ଅଛି ସେ କାନ୍ଦୁନାହିଁ ମାନେ ତା’ର କଷ୍ଟ ନାହିଁ ଏପରି ଭାବିବା ଭୁଲ୍ । କେତେକ ଲୁହ ଆଖିରୁ ଝରେନାହିଁ ମନ ଭିତରେ ଜମା ହୋଇ ରହିଯାଏ । କେତେକ ଯନ୍ତ୍ରଣା ଶବ୍ଦ ପାଏନାହିଁ କାରଣ ଶୁଣିବା ପାଇଁ ନିଜର ଲୋକ ମିଳନ୍ତି ନାହିଁ ।ତେଣୁ ପ୍ରେମ କରୁଥିବା ଝିଅମାନଙ୍କୁ ମୋର ଗୋଟିଏ ଅନୁରୋଧ । ପ୍ରେମ କରନ୍ତୁ କିନ୍ତୁ ନିଜକୁ ହଜାଇ ଦିଅନ୍ତୁ ନାହିଁ । କାହାର ମିଠା କଥା ଶୁଣି ଜୀବନର ସବୁଠାରୁ ବଡ଼ ନିଷ୍ପତ୍ତି ତରବରିଆ ଭାବରେ ନିଅନ୍ତୁ ନାହିଁ । ମଣିଷଟିକୁ ସମୟ ଦିଅନ୍ତୁ ତା’ର ସ୍ୱଭାବକୁ ଦେଖନ୍ତୁ । ସେ ରାଗିଲେ କିପରି ବ୍ୟବହାର କରେ, ଆପଣଙ୍କ ମତକୁ କେତେ ସମ୍ମାନ ଦିଏ, ଅନ୍ୟମାନଙ୍କ ସହ କିପରି କଥା ହୁଏ, ତାହା ଲକ୍ଷ୍ୟ କରନ୍ତୁ । ସେ ଆପଣଙ୍କ ସ୍ୱପ୍ନକୁ ଗୁରୁତ୍ୱ ଦିଏ କି ନାହିଁ, ଆପଣଙ୍କ ନିଜସ୍ୱ ପରିଚୟକୁ ଗ୍ରହଣ କରେ କି ନାହିଁ, ତାହା ମଧ୍ୟ ଦେଖନ୍ତୁ । ପ୍ରେମରେ ନିଜର ଆତ୍ମସମ୍ମାନ ଓ ସ୍ୱାଧୀନତାକୁ କେବେ ହରାନ୍ତୁ ନାହିଁ ।

ପ୍ରେମର ଅର୍ଥ ନୁହେଁ ଯେ ଜଣେ ଅନ୍ୟଜଣଙ୍କ ପାଇଁ ନିଜର ସମସ୍ତ ପରିଚୟ ତ୍ୟାଗ କରିଦେବ । ପ୍ରକୃତ ପ୍ରେମରେ ଦୁଇଜଣ ନିଜ ନିଜର ପରିଚୟକୁ ବଜାୟ ରଖି ଏକାଠି ଆଗକୁ ବଢ଼ନ୍ତି । ଯେଉଁ ସମ୍ପର୍କରେ ଜଣେ ସବୁବେଳେ ନିଜକୁ ବଦଳାଇବାକୁ ବାଧ୍ୟ ହୁଏ ସେଠାରେ ସମାନତା କେଉଁଠି ।ସେହିପରି ପୁଅମାନଙ୍କୁ ମଧ୍ୟ ମୋର ଅନୁରୋଧ । ଯଦି କୌଣସି ଝିଅକୁ ଭଲପାଉଛନ୍ତି ତା’ର ଇଜ୍ଜତ ନେଇ ନୁହେଁ ତାକୁ ଇଜ୍ଜତ ଦେଇ ଭଲପାଆନ୍ତୁ । ତା’ର ବିଶ୍ୱାସକୁ ଦୁର୍ବଳତା ଭାବନ୍ତୁ ନାହିଁ । ତା’ର ଶରୀରକୁ ନେଇ ନୁହେଁ ତା’ର ମନ ଓ ବ୍ୟକ୍ତିତ୍ୱକୁ ଭଲପାଆନ୍ତୁ । ଯଦି ବିବାହ କରିବାର ଇଚ୍ଛା ନାହିଁ ତେବେ ମିଥ୍ୟା ପ୍ରତିଶ୍ରୁତି ଦେଇ କାହାର ଜୀବନ ସହ ଖେଳନ୍ତୁ ନାହିଁ । ଆକର୍ଷଣ ଓ ପ୍ରେମ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ସେହି ପାର୍ଥକ୍ୟ ବୁଝିବାର ଦାୟିତ୍ୱ ପ୍ରତ୍ୟେକ ମଣିଷର ରହିଛି ।ଜଣେ ଝିଅ ଯେତେବେଳେ କାହାକୁ ନିଜ ଜୀବନରେ ସ୍ଥାନ ଦିଏ ସେତେବେଳେ ସେ କେବଳ ଜଣେ ପ୍ରେମିକକୁ ଗ୍ରହଣ କରେନାହିଁ ତା’ ସହ ଜଡ଼ିତ ଭବିଷ୍ୟତ, ସ୍ୱପ୍ନ ଓ ଦାୟିତ୍ୱକୁ ମଧ୍ୟ ଗ୍ରହଣ କରିଥାଏ । ତେଣୁ ସେହି ବିଶ୍ୱାସର ମୂଲ୍ୟ ବୁଝିବା ଦରକାର । ନିଜର ଇଚ୍ଛା ପୂରଣ ହେବା ପରେ ମଣିଷଟିକୁ ଅଣଦେଖା କରିଦେବା ପ୍ରେମ ନୁହେଁ । ଯଦି ମନ ବଦଳିଯାଇଛି ତେବେ ସତ କହିବାର ସାହସ ରଖନ୍ତୁ । ମିଥ୍ୟା ଆଶା ଦେଇ କାହାକୁ ଅନ୍ଧାରରେ ରଖନ୍ତୁ ନାହିଁ ।ଆଉ ଏକ କଥା ମଧ୍ୟ କହିବା ଜରୁରୀ । ଜଣେ ଝିଅ ପ୍ରେମ କରିଛି, କାହାକୁ ବିଶ୍ୱାସ କରିଛି କିମ୍ବା ନିଜ ଇଚ୍ଛାରେ ଘନିଷ୍ଠ ସମ୍ପର୍କ ରଖିଛି ବୋଲି ତାକୁ ଦୋଷୀ କରିବା ଠିକ୍ ନୁହେଁ । ତା’ର ଜୀବନ, ତା’ର ନିଷ୍ପତ୍ତି ଓ ତା’ର ମର୍ଯ୍ୟାଦାକୁ ସମ୍ମାନ କରିବା ଆବଶ୍ୟକ । ଘନିଷ୍ଠତା ଦୁଇଜଣଙ୍କ ପାରସ୍ପରିକ ବିଶ୍ୱାସର ବିଷୟ । ଏହାକୁ ପରେ କାହାର ଦୁର୍ବଳତା କିମ୍ବା ଅପମାନର କାରଣ କରିବା ମାନବିକତା ନୁହେଁ।ସେହିପରି ସବୁ ପୁଅ ଖରାପ ନୁହନ୍ତି ସବୁ ଝିଅ ମଧ୍ୟ ନିରବ୍‌ଦୋଷ ନୁହନ୍ତି । ସମ୍ପର୍କରେ ଭୁଲ୍ ବୁଝାପଟୁ ହୋଇପାରେ କିନ୍ତୁ ଯିଏ ଭୁଲ୍ କରିଛି ସେ ନିଜ ଭୁଲ୍ ସ୍ୱୀକାର କରିବା ଦରକାର । ମତଭେଦ ହେଲେ କଥାବାର୍ତ୍ତା କରି ସମାଧାନ କରିବା ଉଚିତ୍ । ଅପମାନ, ଧମକ କିମ୍ବା ମାନସିକ ନିର୍ଯାତନା କୌଣସି ସମ୍ପର୍କର ସମାଧାନ ହୋଇପାରେନାହିଁ।ମୋ ସାଙ୍ଗର ଫୋନ୍ ରଖିବା ପରେ ମୁଁ ବହୁତ ସମୟ ଧରି ଚୁପ୍ ହୋଇ ବସିରହିଥିଲି । ମୋ ମନରେ ଅନେକ ପ୍ରଶ୍ନ ଉଠୁଥିଲା । ଦିନେ ଯେଉଁ ଝିଅଟି ନିଜ ପ୍ରେମକୁ ନେଇ ଏତେ ଖୁସି ଥିଲା ଆଜି ସେହି ଝିଅଟି ନିଜ ଜୀବନର କଥା କହିବା ବେଳେ କାନ୍ଦୁଛି କାହିଁକି । ଯେଉଁ ମଣିଷକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲା ସେହି ମଣିଷଟି ଆଜି ତା’ର ଲୁହର କାରଣ କାହିଁକି ।ମୁଁ ଭାବୁଥିଲି ଯଦି ସେହି ଝିଅଟି ଆଜି ନିଜ ଦୁଃଖ କହିବା ପାଇଁ ମୋତେ ଫୋନ୍ କରିନଥାନ୍ତା ତେବେ ହୁଏତ ମୁଁ କେବେ ଜାଣିପାରିନଥାନ୍ତି ଯେ ତା’ର ହସ ପଛରେ ଏତେ ଯନ୍ତ୍ରଣା ଲୁଚି ରହିଛି । ଆମେ ବାହାରୁ ମଣିଷର ଜୀବନକୁ ଦେଖି ଅନେକ ନିଷ୍କର୍ଷରେ ପହଞ୍ଚିଯାଉ । କିଏ ବିବାହ କରିଛି, କିଏ ଭଲ ଘରେ ରହୁଛି, କାହାର ସ୍ୱାମୀ ଅଛନ୍ତି, କାହାର ପରିବାର ଅଛି ଏସବୁ ଦେଖି ତାକୁ ସୁଖୀ ବୋଲି ଭାବିନେଉ କିନ୍ତୁ ଘରର ଚାରିକାନ୍ଥ ଭିତରେ କେତେ ଲୁହ ଝରୁଛି ତାହା କିଏ ଜାଣେ ।ହୁଏତ ତା’ର କାହାଣୀ ଏକା ନୁହେଁ । ଆମ ଚାରିପାଖରେ ଏମିତି ଅନେକ ମଣିଷ ଅଛନ୍ତି ଯେଉଁମାନେ ନିଜ ଯନ୍ତ୍ରଣାକୁ ହସ ପଛରେ ଲୁଚାଇ ରଖିଛନ୍ତି । କିଏ ପରିବାର ପାଇଁ ଚୁପ୍ ଅଛି, କିଏ ସମାଜର ଭୟରେ ଆଉ କିଏ ନିଜ ସମ୍ପର୍କ ଭାଙ୍ଗିଯିବା ଭୟରେ ନିଜ ଦୁଃଖ କାହାକୁ କହିପାରୁନାହିଁ। ସେମାନଙ୍କ ମଧ୍ୟରୁ କେହିକେହି ଭାବନ୍ତି ନିଜ କଥା କହିଲେ ଲୋକେ ତାଙ୍କୁ ଦୋଷ ଦେବେ । କିଏ କହିବ ଏତେ ଭଲପାଉଥିଲୁ କାହିଁକି । କିଏ ପଚାରିବ ବିବାହ କରିବା ପୂର୍ବରୁ ଭାବିଲୁନି କାହିଁକି କିନ୍ତୁ ଏମିତି ପ୍ରଶ୍ନ କରିବା ପୂର୍ବରୁ ଆମେ ତାଙ୍କ ଯନ୍ତ୍ରଣାକୁ ବୁଝିବାକୁ ଚେଷ୍ଟା କରୁଛୁ କି । (କ୍ରମଶଃ)

ଶିଶୁ ଓ ଦେଶର ଭବିଷ୍ୟତ

ଆମେ ଆମ ପିଲାମାନଙ୍କୁ କେଉଁଭଳି ଭବିଷ୍ୟତ ଦେଉଛୁ ? ସେମାନଙ୍କ ପାଇଁ ଆମେ କେବଳ ବଡ଼ ବଡ଼ ସ୍ୱପ୍ନ ଦେଖାଉଛୁ, ନା ସେହି ସ୍ୱପ୍ନ ପୂରଣ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ ? ନଭେମ୍ବର ୧

ଆଞ୍ଚଳିକ ସମୁନ

ଶନିବାର,୧୪ ନଭେମ୍ବର ୨୦୨୬, ଭୁବନେଶ୍ୱର Saturday,14 November 2026, Bhubaneswar



ତାଇୱାନକୁ ଟପିଲା ଭାରତ, ବିଶ୍ୱର ପଞ୍ଚମ ବଡ଼ ଷ୍ଟକ୍ ବଜାର

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ଗତ କିଛି ଦିନ ମଧ୍ୟରେ ପୁଞ୍ଜି ବଜାରର ଉତ୍ସାହଜନକ ପ୍ରଦର୍ଶନ ପ୍ରଭାବରେ ଭାରତୀୟ ଷ୍ଟକ୍ ବଜାର ପୁଣି ଥରେ ବିଶ୍ୱର ଶ୍ରେଷ୍ଠ ୫ଟି ଷ୍ଟକ୍ ବଜାର ମଧ୍ୟରେ ସାମିଲ ହୋଇଛି । ଏହା ତାଇୱାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛି । ଭାରତର ମୋଟ୍ ବଜାର ପୁଞ୍ଜି ପରିମାଣ ୫.୫ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି । ଶୀର୍ଷ ସ୍ଥାନରେ ୮୦.୯ ଟ୍ରିଲିୟନ ଡଲାର ବଜାର ପୁଞ୍ଜି ସହ ଆମେରିକା ରହିଛି । ଏହା ପଛକୁ ଚୀନ, ଜାପାନ ଓ ହଂକଂ ରହିଛନ୍ତି । ଭାରତ ପଞ୍ଚମ ସ୍ଥାନରେ ଥିବା ବେଳେ ଷଷ୍ଠରେ ତାଇୱାନ, ସପ୍ତମରେ କାନାଡା, ଅଷ୍ଟମରେ ବ୍ରିଟେନ, ନବମରେ ଦକ୍ଷିଣ କୋରିଆ ଓ ଦଶମ ସ୍ଥାନରେ ଫ୍ରାନ୍ସ ବଜାର ରହିଛି ।ଗତ ଅକ୍ଟୋବରରେ ୪୫,୧୬୨ କୋଟି ଟଙ୍କାର ଭାରତୀୟ ଇକ୍ୱିଟି ସେୟାର ବିକ୍ରି କରିଥିବା ବୈଦେଶିକ ନିବେଶକମାନେ ନଭେମ୍ବର ମାସରେ ସେୟାର କିଣୁଛନ୍ତି। ଚଳିତ ମାସର ୧୧ ତାରିଖ ସୁଦ୍ଧା ବୈଦେଶିକ ପୋର୍ଟଫୋଲିଓ ନିବେଶକମାନେ ୬୩,୭୩୫ କୋଟି ଟଙ୍କାର ସେୟାର କିଣିଥିଲେ। ଘରୋଇ ସଂସ୍ଥାଗତ ନିବେଶକମାନେ ୪୦,୫୦୪



କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। ଜିଓଜିତ୍ ଇନଭେଷ୍ଟମେଣ୍ଟ୍ସର ଚିଫ୍ ଇନଭେଷ୍ଟମେଣ୍ଟ୍ ଷ୍ଟ୍ରାଟେଜିଷ୍ଟ ଡକ୍ଟର ଭି କେ ବିଜୟକୁମାର କହିଛନ୍ତି, ନଭେମ୍ବର ପର୍ଯ୍ୟନ୍ତ ବିଦେଶୀ ନିବେଶକ ସେୟାର ବିକୁଥିଲେ ଓ ଘରୋଇ ନିବେଶକ କିଣୁଥିଲେ। ନଭେମ୍ବର ମାସରୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ବିଦେଶୀ ନିବେଶକମାନେ ସେୟାର କିଣୁଥିବା ବେଳେ ଘରୋଇ ନିବେଶକମାନେ ବିକ୍ରି କରୁଛନ୍ତି।ଭାରତୀୟ ଷ୍ଟକ୍ ବଜାର ସ୍ଥିତିରେ ସୁଧାର ହେବାର ଅନ୍ୟତମ କାରଣ ହେଉଛି ଏଆଇକୁ ନେଇ ରହିଥିବା ଉତ୍ସାହ ମାନ୍ଦା ପଡ଼ିବା। ତାଇୱାନ ଓ ଦକ୍ଷିଣ କୋରିଆରେ ନିବେଶକମାନେ ଏଆଇ କମ୍ପାନିର ସେୟାରଗୁଡ଼ିକୁ ବିପୁଳ ପରିମାଣରେ ବିକ୍ରି କରିଛନ୍ତି। ଫଳରେ ସେହି ଦୁଇ ଦେଶର ଷ୍ଟକ୍ ବଜାର ସୂଚକାଙ୍କରେ ବଡ଼ ଧରଣର ହ୍ରାସ ହୋଇଛି। ସମ୍ଭବତଃ ନିବେଶକମାନେ ସେଠାରୁ ପ୍ରତ୍ୟାହାର କରିଥିବା ପାଣ୍ଠିକୁ ଭାରତୀୟ ବଜାରରେ ନିବେଶ କରିଥିବା ଅନୁମାନ କରାଯାଉଛି। ଗତ ଅକ୍ଟୋବରରେ ବିଦେଶୀ ନିବେଶକମାନେ ତାଇୱାନ ବଜାରରୁ ୩୦୬୮ କୋଟି ଡଲାର ଓ ଦକ୍ଷିଣ କୋରିଆରୁ ୧୪୫୯ କୋଟି ଡଲାର ପ୍ରତ୍ୟାହାର କରିଥିଲେ। ଅନ୍ୟ ପକ୍ଷରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଘଟିଥିବା ସୁଧାର ମଧ୍ୟ ଭାରତୀୟ ଅର୍ଥନୀତି ପାଇଁ ଲାଭଦାୟକ ହୋଇଛି। ତାହା ନିବେଶକମାନଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି।

ମଣିପୁରରେ ପୁଣି ରକ୍ତପାତ, ୪ ମୃତ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ମଣିପୁରରେ ଥମିବାର ନାଁ ନେଉନି ହିଂସା। ପୁଣି ଗୁଳିର ଶବ୍ଦରେ ଥରିଉଠିଛି ଉଖରୁଲ ଜିଲ୍ଲା। ରାସ୍ତାରେ ଯାଉଥିବା ଦୁଇଟି କାରକୁ ଟାର୍ଗେଟ୍ କରି ଆଖିବୁଜା ଗୁଳିମାଡ଼ କରିଛନ୍ତି ଉଗ୍ରବାଦୀ। ଯେଉଁଥିରେ ଯାଇଛି ଦୁଇ ମହିଳାଙ୍କ ସମେତ ମୋଟ ୪ ଜଣଙ୍କ ଜୀବନ। ଶୁକ୍ରବାର ଘଟିଥିବା ଏହି ଘଟଣା ପୁଣିଥରେ ମଣିପୁରର ସୁରକ୍ଷା ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି ।ପୋଲିସ ସୂଚନା ଅନୁସାରେ, ଇମ୍ଫାଲ-ଉଖରୁଲ ରାସ୍ତାର ନ୍ୟୁ ହେଭେନ ଅଞ୍ଚଳରେ ଏହି ଆକ୍ରମଣ ହୋଇଛି। କେତେକ ସଶସ୍ତ୍ର ଉଗ୍ରବାଦୀ ଦୁଇଟି କାରକୁ ଟାର୍ଗେଟ୍ କରି ଗୁଳି ଚଳାଇଥିଲେ। ଗାଡ଼ି ଭିତରେ ଥିବା ଦୁଇ ପୁରୁଷ ଓ ଦୁଇ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଉଭୟ ଗାଡ଼ିର ସାମ୍ନା କାଚରେ ଗୁଳିମାଡ଼ର ଚିହ୍ନ ଦେଖିବାକୁ ମିଳିଛି ।ମଣିପୁରରେ ହିଂସାର ଏହା ପ୍ରଥମ ଘଟଣା ନୁହେଁ। ଗୁରୁବାର କାଙ୍ଗପୋକପି ଜିଲ୍ଲାରେ ମଧ୍ୟ ଦୁଇ ଉଗ୍ରବାଦୀ ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଚୋଙ୍ଗଲୋଇ (୪୩) ନାମକ ଜଣେ କୁକି ମହିଳାଙ୍କ ମୃତ୍ୟୁ ହୋଇଥିଲା। ସେ ଚାଷ ଜମିରେ କାମ କରୁଥିବା ସମୟରେ ଗୁଳିର ଶିକାର ହୋଇଥିଲେ। ତାଙ୍କ ମୃତଦେହ ନିକଟରୁ ଏକ ଦାଆ ମଧ୍ୟ ମିଳିଥିଲା। ଏହି ଗୁଳି ବିନିମୟରେ ଏସ୍. ଡେଭିଡ୍ ଚୋଙ୍ଗଲୋଇ (୩୪) ଓ ଲମଖୋଚୋନ୍ ଚୋଙ୍ଗଲୋଇ (୪୬) ନାମକ ଦୁଇ ଜଣ ପୁରୁଷ ଆହତ ହୋଇଥିଲେ। ସେମାନଙ୍କୁ କାଙ୍ଗପୋକପି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ସୂଚନାରୁ ପ୍ରକାଶ; ୨୦୨୩ରୁ ମଣିପୁରରେ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ସଂଘର୍ଷ ଜାରି ରହିଛି। ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ଅତି କମ୍ ?ରେ ୩୦୬ ଜଣଙ୍କ ଜୀବନ ଯାଇଥିବା ବେଳେ ୪୯ ଜଣ ନିଖୋଜ ଅଛନ୍ତି। ହଜାର ହଜାର ଲୋକ ନିଜ ଘର ଛାଡ଼ିବାକୁ ବାଧ ହୋଇଛନ୍ତି। ଚଳିତ ବର୍ଷ ଫେବ୍ରୁଆରୀରୁ ପାହାଡ଼ିଆ ଜିଲ୍ଲାଗୁଡ଼ିକରେ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରେ ଅତି କମ୍‌ରେ ୫୦ ଜଣଙ୍କ ମୃତ୍ୟୁ ହୋଇଛି।

ସୁନା-ରୁପା ଦରରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ଅନ୍ତର୍ଜାତୀୟ ବଜାରଠାରୁ ଆରମ୍ଭ କରି ଦେଶର ଘରୋଇ ସରାଫା ବଜାର ପର୍ଯ୍ୟନ୍ତ ସୁନା ଏବଂ ରୁପା ଦରରେ କ୍ରମାଗତ ହ୍ରାସ ଜାରି ରହିଛି। ସୁନା ମୂଲ୍ୟରେ ଆସିଥିବା ବଡ଼ଧରଣର ହ୍ରାସ କାରଣରୁ ବର୍ତ୍ତମାନ ୧୮ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧ ଲକ୍ଷ ଟଙ୍କା ପାଖାପାଖି ପହଞ୍ଚିଛି ।ଏହାଛାଡ଼ା ୨୨ ଏବଂ ୨୪ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ଶସ୍ତା ହୋଇଛି। ଶୁକ୍ରବାର, ନଭେମ୍ବର ୧୩ ତାରିଖ ସକାଳ ପ୍ରାୟ ୧୦ଟା ସମୟରେ ଏମସିଏକ୍ସରେ ସୁନା ପ୍ରତି ୧୦ ଗ୍ରାମ ପ୍ରାୟ ୧.୩୭ ଲକ୍ଷ ଟଙ୍କା ଏବଂ ରୁପା ପ୍ରତି କିଲୋଗ୍ରାମ ପ୍ରାୟ ୧.୬୮ ଲକ୍ଷ ଟଙ୍କାରେ କାରବାର ହେଉଥିଲା ।ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ହ୍ରାସ ପାଇ ପ୍ରାୟ ୩,୮୮୦ ଡଲାର ପ୍ରତି ଆଉନ୍ସକୁ ଖସିଆସିଛି। ଗତ କାରବାର ଅଧିବେଶନରେ ଏଥିରେ ପ୍ରାୟ ୩ ପ୍ରତିଶତର ହ୍ରାସ ରେକର୍ଡ କରାଯାଇଥିଲା। ଏହା ସହିତ ସୁନା ପ୍ରାୟ ୧୩ ମାସର ସବୁଠାରୁ ନିମ୍ନ ସ୍ତରରେ ପହଞ୍ଚିଯାଇଛି ।ଏହାର ସିଧାସଳଖ ପ୍ରଭାବ ଘରୋଇ ବଜାରରେ ମଧ୍ୟ ଦେଖିବାକୁ ମିଳୁଛି। ଗତକାଲି ଦିଲ୍ଲୀ ସରାଫା ବଜାରରେ ୯୯.୯ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ୨,୨୦୦ ଟଙ୍କା ହ୍ରାସ ପାଇଥିଲା ।ଆଜି ଦିଲ୍ଲୀରେ ୨୪ କ୍ୟାରେଟ୍ (୧୦ ଗ୍ରାମ) ସୁନା ୧,୩୯,୯୪୦ ଟଙ୍କା, ୨୨ କ୍ୟାରେଟ୍ ୧,୨୮,୩୪୦ ଟଙ୍କା ଏବଂ ୧୮ କ୍ୟାରେଟ୍ ୧,୦୪,୯୫୫ ଟଙ୍କାରେ କାରବାର ହେଉଛି। ସେହିପରି ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ ଏବଂ ପୁନେ ସହରରେ ୨୪ କ୍ୟାରେଟ୍ (୧୦ ଗ୍ରାମ) ସୁନା ୧,୩୯,୭୯୦ ଟଙ୍କା, ୨୨ କ୍ୟାରେଟ୍ ୧,୨୮,୧୪୦ ଟଙ୍କା ଏବଂ ୧୮ କ୍ୟାରେଟ୍ ସୁନା ୧,୦୪,୮୪୨ ଟଙ୍କା ରହିଛି ।ସୁନା ମୂଲ୍ୟ ହ୍ରାସ ପାଇବାର ସବୁଠାରୁ ବଡ଼ କାରଣ ହେଉଛି ଆମେରିକାରେ ମୁଦ୍ରାସ୍ଫୀତି ଅଧିକ ରହିବା। ମୁଦ୍ରାସ୍ଫୀତି ଆକଳନ ଆଶାଠାରୁ ଅଧିକ ଆସିବା ପରେ ଆମେରିକୀୟ ଫେଡେରାଲ୍ ରିଜର୍ଭ ଡିସେମ୍ବର ମାସରେ ସୁଧ ହାର ବୃଦ୍ଧି କରିପାରେ ବୋଲି ବଜାରରେ ଆଶଙ୍କା ସୃଷ୍ଟି ହୋଇଛି ।ଏହାଦ୍ୱାରା ଆମେରିକୀୟ ବଣ୍ଡ ୟୀଲ୍ଡ ଏବଂ ଡଲାର୍ ମଜବୁତ ହୋଇଛି। ସାଧାରଣତଃ ସୁଧ ହାର ବୃଦ୍ଧି ପାଇଲେ ସୁନା ଭଳି ବିନିଯୋଗ, ଯାହା ଉପରେ କୌଣସି ସୁଧ ମିଳେ ନାହିଁ, ତାହାର ଚାହିଦା କମିଯାଇଥାଏ। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ସୁନା ଉପରେ ଚାପ ଜାରି ରହିଛି ଏବଂ ଏହାର ପ୍ରଭାବ ରୁପା ଦର ଉପରେ ମଧ୍ୟ ପଡ଼ିଛି ।ଭବିଷ୍ୟତରେ ଯଦି ଆମେରିକାରେ ମହଙ୍ଗା ସ୍ତର ଅଧିକ ରହେ ଏବଂ ଫେଡେରାଲ୍ ରିଜର୍ଭ ସୁଧ ହାର ବୃଦ୍ଧି କରେ, ତେବେ ସୁନା ମୂଲ୍ୟ ଉପରେ ଚାପ ଜାରି ରହିପାରେ। ତଥାପି ଡଲାର୍ ଏବଂ ବଣ୍ଡ ୟିଲ୍ଡ ରେ ପରିବର୍ତ୍ତନ ସହିତ ବଜାରର ଚେହେରା ମଧ୍ୟ ବଦଳିପାରେ। ତେଣୁ ଗ୍ରାହକମାନେ ସୁନା କ୍ରୟ କରିବା ପୂର୍ବରୁ ନିଜ ସହରର ସଦ୍ୟତମ ମୂଲ୍ୟ ଯାଞ୍ଚ କରିନେବା ଉଚିତ୍।

ତୁର୍କୀରେ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ , ୪ ଯବାନ ମୃତ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି): ତୁର୍କୀର ପୂର୍ବ ପ୍ରାନ୍ତ ମାଲାତ୍ୟାରେ ଭୟଙ୍କର ଦୁର୍ଘଟଣା ଘଟିଛି। ତୁର୍କୀ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏକ ସାମରିକ S-70 ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଯେଉଁଥିରେ ଚାରି ଜଣ ସୈନିକଙ୍କ ମୃତ୍ୟୁ ହୋଇଛି। ମନ୍ତ୍ରଣାଳୟ ଏକ ସରକାରୀ ବିବୃତ୍ତିରେ କହିଛି ଯେ ଦୁର୍ଘଟଣାର ପ୍ରକୃତ କାରଣ ବର୍ତ୍ତମାନ ଅସ୍ପଷ୍ଟ ।ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓ ଅନୁଯାୟୀ, ଦୁର୍ଘଟଣା ପରେ ହେଲିକପ୍ଟରରେ ନିଆଁ ଲାଗିଯାଇଥିଲା। ଆମ୍ବୁଲାନ୍ସ, ପୋଲିସ ଏବଂ ଅଗ୍ନିଶମ ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଦୁର୍ଘଟଣାସ୍ଥଳରେ ଭଗ୍ନାବଶେଷରୁ ଧୂଆଁ ଏବଂ ନିଆଁ ଉଠିବା ଦେଖାଯାଇଥିଲା। ସୁରକ୍ଷା ବାହିନୀ ଅଞ୍ଚଳକୁ ଘେରାବନ୍ଦୀ କରି ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ମାଲାତ୍ୟାରେ ଆମର S-70 ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଆମର ଚାରି ଜଣ ସେନା ସହିଦ ହୋଇଥିଲେ। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଦୁର୍ଘଟଣାର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ଏକ ବୈଷୟିକ ତଦନ୍ତ ଆରମ୍ଭ କରିଥିବା ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ।ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସ୍ଥାନୀୟ ସମୟ ପ୍ରାୟ ସନ୍ଧ୍ୟା ୬:୪୫ ସମୟରେ ମାଲାତ୍ୟାର ୟେସିଲିୟୁର୍ଟ ଜିଲ୍ଲାର ଏକ ଅଞ୍ଚଳରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତୁର୍କୀର ଆନାଡୋଲୁ ଏଜେନ୍ସି ରିପୋର୍ଟ କରିଛି ଯେ ମାଲାତ୍ୟା ମୁଖ୍ୟ ସରକାରୀ ଓକିଲଙ୍କ କାର୍ଯ୍ୟାଳୟ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ମାମଲାର ତଦନ୍ତ ପାଇଁ ଜଣେ ଉପମୁଖ୍ୟ ପବ୍ଲିକ ପ୍ରସିକ୍ୟୁଟର ଏବଂ ଦୁଇଜଣ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ନିଯୁକ୍ତ କରାଯାଇଛି।

କାଜିରଙ୍ଗାରେ ଭୟଙ୍କର ସଡ଼କ ଦୁର୍ଘଟଣା, ୨୩ ମୃତ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ଆସାମର ଗୋଲାଘାଟ ଜିଲ୍ଲା ଅନ୍ତର୍ଗତ କାଜିରଙ୍ଗା ନିକଟ ରଙ୍ଗାଜାନ ଅଞ୍ଚଳରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଯାତ୍ରୀବାହୀ ଟ୍ରାଭେଲର୍ ମିନିବସ୍ ଏବଂ ଏକ କଣ୍ଟେନର ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ପ୍ରାୟ ୨୩ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ଏହି ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ହୋଇଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟାକୁ ନେଇ କୌଣସି ଆନୁଷ୍ଠାନ ବୟାନ ଆସି ନାହିଁ । ଦୁର୍ଘଟଣା ପରେ ଅଞ୍ଚଳରେ ଆତଙ୍କର ମାହୋଲ ଖେଳିଯାଇଛି ।ନର୍ଥଇଷ୍ଟ ଲାଇଭ୍ ରିପୋର୍ଟ ଅନୁଯାୟୀ, ପ୍ରାୟ ୩୫ ଜଣ ଯାତ୍ରୀଙ୍କୁ ନେଇ ଟ୍ରାଭେଲର୍ ଗାଡ଼ିଟି ଯୋରହାଟରୁ ଆସୁଥିଲା । ଏହି ସମୟରେ ଗୌହାଟୀ ପଟୁ ଆସୁଥିବା ଏକ କଣ୍ଟେନର ଟ୍ରକ୍ ସହ ରଙ୍ଗାଜାନ ନିକଟରେ ଏହାର ମୁହାଁମୁହିଁ ଧକ୍କା ହୋଇଥିଲା । ସୂଚନା ଅନୁସାରେ ଟ୍ରାଭେଲରରେ ଅନେକ କଲେଜ ଛାତ୍ରଛାତ୍ରୀ ରହିଥିବା ଜଣାପଡ଼ିଛି। ଦୁର୍ଘଟଣାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ଫଳରେ କିଛି ଯାତ୍ରୀ ଗାଡ଼ି ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି । ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ତୁରନ୍ତ କୋହୋରା ମଡେଲ୍ ହସ୍ପିଟାଲକୁ ନିଆଯାଇଛି । ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି । ଅନ୍ୟପଟେ



ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ଓ ଜରୁରୀକାଳୀନ ସେବା ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ମୃତକଙ୍କ ପରିଚୟ, ଆହତଙ୍କ ପ୍ରକୃତ ସଂଖ୍ୟା ଏବଂ ଦୁର୍ଘଟଣାର କାରଣ ସମ୍ପର୍କରେ ଏଯାଏଁ ସବିଶେଷ ତଥ୍ୟ ମିଳିନାହିଁ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କାଜିରଙ୍ଗା ସଡ଼କ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି । ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆହତମାନଙ୍କୁ ଯଥାଶୀଘ୍ର ସର୍ବୋତ୍ତମ ଚିକିତ୍ସା ଯୋଗାଇବା ସରକାରଙ୍କ ପ୍ରଥମ ପ୍ରାଥମିକତା । ସେ ଏହା ମଧ୍ୟ କହିଛନ୍ତି ଯେ ରାଜ୍ୟର ମନ୍ତ୍ରୀ ଅତୁଲ ବୋରା ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଉପରେ ନଜର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ଏବଂ ଏହି ଦୁଃଖକୁ ଦୂର କରିବା ପାଇଁ ପୀଡିତଙ୍କ ପରିବାରକୁ ଶକ୍ତି ପାଇବା ପାଇଁ ପ୍ରାର୍ଥନା କରିଛନ୍ତି ।

'ଫୋନ୍ ଟ୍ୟାପ୍ ହେଉଛି, ମୋଦୀ ସାମ୍ନାସାମ୍ନି ବିତର୍କ କରନ୍ତୁ'

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ମୋ ଫୋନ୍ ଟ୍ୟାପ୍ କରାଯାଉଛି । ସବୁ କଥାବାର୍ତ୍ତା ଅନ୍ୟ କେହି ଶୁଣୁଛନ୍ତି । ଏପରି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ । ତାଙ୍କ ଫୋନ୍ ଟ୍ୟାପ୍ କରାଯାଉଥିବା ନେଇ ସେ କହିଛନ୍ତି ।ରାହୁଲ କହିଛନ୍ତି ଯେ, ସବୁ ଅଭିଯୋଗର ପ୍ରମାଣ ଫୋନରେ ଅଛି । ହେଲେ ଏହାକୁ ପ୍ରଧାନମନ୍ତ୍ରୀ ଟ୍ୟାପ୍ କରୁଛନ୍ତି । ମୁହାଁମୁହିଁ ବିତର୍କ ହେଲେ ଏହା ପ୍ରମାଣିତ ହୋଇଯିବ । ବିଦେଶୀ ଶକ୍ତିର ନିର୍ଦ୍ଦେଶରେ କିଏ କାମ କରୁଛି ତାହା ମଧ୍ୟ ସ୍ପଷ୍ଟ ହୋଇଯିବ। ଏହାସହ କିଏ ଦେଶବିରୋଧୀ ଗତିବିଧିରେ ସାମିଲ ଅଛି ତାହା ମଧ୍ୟ ଜଣା ପଡିବ ବୋଲି ରାହୁଲ କହିଛନ୍ତି ।ରାହୁଲ ଆହୁରି କହିଛନ୍ତି ଯେ, ଫୋନରେ ଅନେକ କିଛି ତଥ୍ୟ ରହିଛି। ଯାହା ସେ ଜାଣିଛନ୍ତି ଏବଂ ତାଙ୍କ ଫୋନରେ ରହିଛି । ଏହାସହ ସେ ପିଏମ୍ ନରେନ୍ଦ୍ର ମୋଦୀଙ୍କୁ ବିତର୍କ ପାଇଁ ଆହ୍ୱାନ କରିଛନ୍ତି । ଯଦି ମୋଦୀ ତାଙ୍କ ସହ ମୁହାଁମୁହିଁ ବିତର୍କ କରନ୍ତି ତେବେ ମୋଦୀ ଆଉ ପ୍ରଧାନମନ୍ତ୍ରୀ ରହିବେ ନାହିଁ । ଲୋକସଭାରେ ତାଙ୍କୁ କହିବାକୁ ଦିଆଯାଉ ନାହିଁ । ତାଙ୍କର ମାଇକ୍ ବନ୍ଦ କରି ଦିଆଯାଉଛି । ସେ ଆହୁରି ଅଭିଯୋଗ କରିଛନ୍ତି ଯେ, କୃଷି ଆଇନ୍, ଭୋଟ୍ ଚୋରି, ଏସଆଇଆର, ଚୀନ ଜେନେରାଲ ନରୱଣେ ଏବଂ ଏପଷ୍ଟିନ୍ ଭଳି ପ୍ରସଙ୍ଗ ଲୋକସଭାରେ ଉଠାଇଥିଲେ । ହେଲେ ତାଙ୍କୁ କହିବାକୁ ଦିଆଯାଇ ନଥିଲା । ଏବେ କିନ୍ତୁ ସେ ସିଧା ସଳଖ ଆଲୋଚନା କରିବାକୁ ଚାହୁଁଛନ୍ତି । ସେ ଗୋଟିଏ ଆସନରେ ଏବଂ ମୋଦୀ ଅନ୍ୟ ଆସନରେ ବସି ମୁହାଁମୁହିଁ ବିତର୍କ କଲେ ଭଲ ହେବ । ଫଳରେ ପରସ୍ପରକୁ ସିଧା ପ୍ରଶ୍ନ ପଚାରିପାରିବେ । ଯଦି ଗୌତମ ଆଦାନୀ କିମ୍ବା ମୋହନ ଭାଗବତଙ୍କୁ ବିତରପତି କରାଯାଏ ତାହାଲେ କିଛି ଆପତ୍ତି ନାହିଁ । ପୂର୍ବରୁ ସେ ଅନେକ ଥର ମୋଦୀଙ୍କୁ ଏପରି ଆହ୍ୱାନ କରିଛନ୍ତି । ବିଜେପି ନେତା ବିତର୍କକୁ ଡରୁଥିବା ରାହୁଲ ପ୍ରକାଶ କରିଛନ୍ତି ।

ତେଲେଙ୍ଗାନାରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୭ ଯବାନ ଆହତ

ନୂଆଦିଲ୍ଲୀ,୧୩।୧୧(ଏଜେନ୍ସି):ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ଏକ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେନା ଗାଡ଼ିଟିକୁ ତାଲିମ ନେଉଥିବା ଜଣେ ଯବାନ ଚଳାଉଥିବାବେଳେ ନିୟନ୍ତ୍ରଣ ହରାଇବା ପରେ ଗାଡ଼ିଟି ଦୁଇଥର ଓଲଟି ପଡ଼ିବା ପରେ ରାସ୍ତାକଡ଼ର ଏକ ଗଛ ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଏକାଧିକ ସେନା ଯବାନ ଆହତ ହୋଇଥିବା ଜଣାପଡ଼ିଛି ।ପ୍ରାପ୍ତ ସୂଚନା ଅନୁସାରେ, ଶୁକ୍ରବାର ଭୋର ସମୟରେ ଚେଭେଲା ଅଞ୍ଚଳର ଆଲ୍ଲାଓ୍ୱାଡ଼ା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ିଟି ଗୋଲକୋଣ୍ଡା ସେନା ଶିବିରରୁ ଶାବାଦ ଅଞ୍ଚଳକୁ ଯବାନମାନଙ୍କୁ ନେଇ ତାଲିମ ପାଇଁ ଯାଉଥିଲା। ଗାଡ଼ିରେ ମୋଟ ୧୪ ଜଣ ସେନା କର୍ମଚାରୀ ଥିଲେ।ଆହତ ଯବାନମାନଙ୍କୁ ତୁରନ୍ତ ଗୋଲକୋଣ୍ଡାସ୍ଥିତ ସେନା ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଛି। କେତେକ ଗଣମାଧ୍ୟମ ରିପୋର୍ଟରେ ୭ ଜଣ ଆହତ ଓ ଅନ୍ୟ କେତେକରେ ୮ ଜଣ ଆହତ ହୋଇଥିବା ଦର୍ଶାଯାଇଛି। ଦୁଇ ଜଣଙ୍କ



‘ସୁରଭି’ ର ରାଜ୍ୟ ସରକାରଙ୍କ ପକ୍ଷରୁ ରୋବୋଟିକ୍ସ-ଆଧାରିତ ଶିକ୍ଷା କାର୍ଯ୍ୟକ୍ରମ ପ୍ରଦର୍ଶିତ

ଭୁବନେଶ୍ୱର, ୧୩।୧୧ (ନି.ପ୍ର) : ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏକ ପ୍ରମୁଖ ପ୍ରଦର୍ଶନୀ ସୁରଭି ୨୦୨୬ରେ ରାଜ୍ୟ ସରକାର ପ୍ରଯୁକ୍ତିବିଦ୍ୟା-ଭିତିକ ଶିକ୍ଷାର ଅଗ୍ରଗତି ପାଇଁ ଗ୍ରହଣ କରିଥିବା ନିଜର ପଦକ୍ଷେପଗୁଡିକୁ ପ୍ରଦର୍ଶିତ କରିଛନ୍ତି । ଏହି ପ୍ରଦର୍ଶନୀରେ ମାଫତଲାଲ ଟେକ୍ନୋଲୋଜିସ୍ ଦ୍ୱାରା ସ୍ଥାପିତ ରୋବୋଟିକ୍ସ ଲ୍ୟାବ୍‌କୁ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ, ଯେଉଁଠାରେ ତାଙ୍କୁ ଭଗବାନ ଗଣେଶଙ୍କର ଏକ ୩ଡି-ପ୍ରିଂଟେଡ ପ୍ରତିମୂର୍ତି ପ୍ରଦାନ କରାଯାଇଥିଲା, ଯାହା ଟେକ୍ନୋଲୋଜି ଓ ୩ଡି ପ୍ରିଂଟିଙ୍ଗର ସୃଜନଶୀଳ ସମ୍ଭାବନା ଗୁଡିକୁ ପ୍ରଦର୍ଶିତ କରୁଛି । ଏହି ପାଂଚ ଦିନିଆ ପ୍ରଦର୍ଶନୀରେ ଏକ ଏକ୍ସପେରିଏନ୍ସିଆଲ ରୋବୋଟିକ୍ସ ଲ୍ୟାବ୍ ରହିଥିଲା ଯାହା ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏସଟିଇଏମ ଶିକ୍ଷାକୁ ଅଧିକ ବ୍ୟବହାରିକ ଓ ପ୍ରୟୋଗ-ଭିତିକ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସଗୁଡିକ ଉପରେ ଆଲୋକପାତ କରିଛି ।

ଏହି ପଦକ୍ଷେପ ସମ୍ପର୍କରେ ମାଫତଲାଲ ଟେକ୍ନୋଲୋଜିସ୍‌ର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ କହିଛନ୍ତି, “ବିଦ୍ୟାଳୟ ଶିକ୍ଷାରେ ନୂତନ ଟେକ୍ନୋଲୋଜିଗୁଡିକୁ ସାମିଲ କରିବା ଉପରେ ଓଡିଶା ସରକାରଙ୍କ ମହତ୍ୱ,



ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଅନୁଭୂତି-ଆଧାରିତ ଶିକ୍ଷା ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ରୋବୋଟିକ୍ସ ଲାବ୍‌ରୋଟୋରୀ ଅଭିଯାନକୁ କାର୍ଯ୍ୟକାରୀ କରିବାରେ ଆମର ଭୂମିକା ମାଧ୍ୟମରେ, ଆମେ ଟେକ୍ନୋଲୋଜିକୁ ଶିକ୍ଷା ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା, ପ୍ରତ୍ୟକ୍ଷ ଅଭିଜ୍ଞତାଭିତିକ ଶିକ୍ଷା ଏବଂ ଏକ ଲର୍ଣ୍ଣିଂ-ବାଏ-ଡୁଇଙ୍ଗ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ । ଏହି ଅଭିଜ୍ଞତାଗୁଡିକ କାର୍ଯ୍ୟ ମାଧ୍ୟମରେ ଶିଖିବାକୁ ପସନ୍ଦ କରୁଥିବା ଶିକ୍ଷାର୍ଥୀମାନଙ୍କୁ ସକ୍ରିୟ ଭାବେ ନିୟୋଜିତ ହେବାରେ ସାହାଯ୍ୟ କରିବ। ଆମର ଧ୍ୟାନ ହେଉଛି ଏହି ଟେକ୍ନୋଲୋଜିକୁ ସମସ୍ତଙ୍କ ପାଖରେ ପହଂଚାଇବା, ପ୍ରତିଭାକୁ ବିକଶିତ କରିବା ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ବିନା ପ୍ରତିବନ୍ଧକରେ ଆଗକୁ ବଢିବାର ସୁଯୋଗ ପାଇବେ ତାହା ନିଶ୍ଚିତ କରିବା। ସୁରଭି ୨୦୨୬ ଏହି ଶିକ୍ଷା ବ୍ୟବସ୍ଥାଗୁଡିକୁ ଏବଂ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିକଶିତ କରାଯାଉଥିବା ଅଭିନବ ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

ରୋବୋଟିକ୍ସ ଲ୍ୟାବ୍‌ର ଉଦ୍‌ଘାଟନ କରି ଓସିଏସିର ସିଇଓ ପ୍ରଦୀପ କୁମାର ରାଉତ କହିଛନ୍ତି, “ବିଶେଷ କରି ବିଦ୍ୟାଳୟ ସ୍ତରରେ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ବଢୁଥିବା ଗୁରୁତ୍ୱ, ଏକ ଦ୍ରୁତ ବଦଳଶୀଳ ବିଶ୍ୱ ପାଇଁ ଆମ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବାର ଆବଶ୍ୟକତାକୁ ପ୍ରତିଫଳନ କରୁଛି । ଆମେ ଯୁବ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ସମ୍ଭାବନା ପରିଲକ୍ଷିତ କରିଛୁ ଏବଂ ସେମାନଙ୍କୁ ସେହି ସମ୍ଭାବନାକୁ ଅର୍ଥପୂର୍ଣ୍ଣ କ୍ଷମତାରେ ରୂପାନ୍ତର କରିବା ପାଇଁ ସଠିକ ଭିତିଭୂମି ଓ ସୁଯୋଗ ପ୍ରଦାନ କରିବା ଆମର ଦାୟିତ୍ୱ ଅଟେ । ଏହି ରୋବୋଟିକ୍ସ ଲ୍ୟାବ୍ ?ଗୁଡିକ ଛାତ୍ରଛାତ୍ରୀଙ୍କୁ ନୂତନ ଟେକ୍ନୋଲୋଜିଗୁଡିକ ସହ ସମ୍ପୃକ୍ତ ହେବା, ବ୍ୟବହାରିକ ଦକ୍ଷତା ବିକାଶ କରିବା ଏବଂ ଉଦ୍ଭାବନ ପାଇଁ ନିଜର ପ୍ରତିଭା ଅନ୍ୱେଷଣ କରିବା ଲାଗି ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଆମର କାର୍ଯ୍ୟାନ୍ୱୟନ ସହଯୋଗୀ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି, ଯିଏକି ସଫଳତାର ସହ ମାତ୍ର ୧୦୦ ଦିନ ମଧ୍ୟରେ ରୋବୋଟିକ୍ସ ଲ୍ୟାବ୍‌ର ସ୍ଥାପନ କରିଥିଲେ । ଆମେ ଏହି

ପଦକ୍ଷେପକୁ ଆଗକୁ ବଢାଇବା, ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିବା ଏବଂ ରାଜ୍ୟର ଦୀର୍ଘକାଳିନ ବିକାଶରେ ଯୋଗଦାନ ଦେଇପାରୁଥିବା ସୁଯୋଗ ସୃଷ ି କରିବା ପାଇଁ ଲକ୍ଷ୍ୟ ରଖିଛୁ ।

ଓଡିଶା କମ୍ପ୍ୟୁଟର ଆପ୍ଲିକେଶନ ସେଂଟର (ଓସିଏସି)ର ଏହି ପଦକ୍ଷେପ ଅଧିନରେ, ମାଫତଲାଲ ଟେକ୍ନୋଲୋଜିସ ଲିମିଟେଡ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ୧୬ଟି ଜିଲ୍ଲାରେ ୫୦୦ ରୋବୋଟିକ୍ସ ଲାବ୍‌ରୋଟୋରି ସ୍ଥ ?ାପନ କରିଛି । ମାଫତଲାଲ ଟେକ୍ନୋଲୋଜି ପକ୍ଷରୁ ଏନେଇ ଆବଶ୍ୟକ ଉପକରଣ ନିୟୋଜିତ କରାଯାଇଛି ଏବଂ ସେଗୁଡିକର ଫଳପ୍ରଦ ବ୍ୟବହାରରେ ସହଯୋଗ କରିବା ପାଇଁ ପ୍ରଶିକ୍ଷଣ ଓ ଶିକ୍ଷା ସେବା ପ୍ରଦାନ କରାଯାଉଛି । ଏହି ସରକାରୀ ପଦକ୍ଷେପ ଆଗାମୀ ୫ ବର୍ଷ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବା ସହ ସେମାନଙ୍କୁ ରୋବୋଟିକ୍ସ, ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ), ଇଂଟରନେଟ ଅଫ୍ ଥିଙ୍ଗସ୍ (ଆଇଓଟି), କୋଡିଂ, ଇଲେକ୍ଟ୍ରୋନିକ୍ସ ଓ ୩ଡି ପ୍ରିଟିଙ୍ଗ ଆଦି ସହ ପରିଚିତ କରାଇବ ବୋଲି ଆଶା କରାଯାଉଛି । ଏହାବ୍ୟତୀତ ମାଫତଲାଲ ଟେକ୍ନୋଲୋଜିସ୍ ଓଡିଶାର ୩୦୦ରୁ ଅଧିକ ବିଦ୍ୟାଳୟରେ ବିଦ୍ୟାଳୟ ଭିତିଭୂମିରେ ସହଯୋଗ କରିବ।

ପିପିଲିକୁ ପୁଣି ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ରାଜ୍ୟସ୍ତରୀୟ ସୁରଭି ମହୋତ୍ସବରେ ପୀତବାସ ୟୁଜିୟୁପି ସ୍କୁଲ ସମ୍ମାନିତ

ପ୍ରଧାନଶିକ୍ଷକ ଉମେଶ କୁମାର ପତିଙ୍କୁ ପୁରସ୍କାର ପ୍ରଦାନ



ପିପିଲି, ୧୩।୧୧ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ପୁଣି ଗୌରବ ଆଣିଛି ପିପିଲି ବ୍ଲକ। ରାଜ୍ୟସ୍ତରରେ ପିପିଲିକୁ ମିଳିଛି ଆଉ ଏକ ସଫଳତା। ପୁରୀ ଜିଲ୍ଲା ପିପିଲି ବ୍ଲକ ଦାଣ୍ଡମୁକୁନ୍ଦପୁରସ୍ଥିତ ପୀତବାସ ୟୁଜିୟୁପି ବିଦ୍ୟାଳୟକୁ ମିଳିଛି ସମ୍ମାନଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଏହି ସଫଳତାକୁ ନେଇ ବିଦ୍ୟାଳୟ ସମେତ ସମଗ୍ର ପିପିଲି ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି । ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରିସରରେ ଗତ ୧୨ ତାରିଖ ଅପରାହ୍ନ ରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି ମହୋତ୍ସବ-୨୦୨୬ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀତବାସ ୟୁଜିୟୁପି ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ କୁମାର ପତିଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର ବିଧାୟକ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାଏକ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସଙ୍ଗୀତା ବେହେରାଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ୨୦୨୪ ଶିକ୍ଷାବର୍ଷ ପାଇଁ ଏହି ପୁରସ୍କାର ଅନୁମୋଦିତ ହୋଇଥିଲା। ଦୀର୍ଘ ପ୍ରତୀକ୍ଷା ପରେ ଚଳିତ ନଭେମ୍ବର ୧୨ ତାରିଖରେ ରାଜ୍ୟସ୍ତରୀୟ ଉତ୍ସବରେ ବିଦ୍ୟାଳୟକୁ ଏହି ସମ୍ମାନ ମିଳିବା ପରେ ପ୍ରଧାନଶିକ୍ଷକ ଉମେଶ କୁମାର ପତି ଖୁସିବ୍ୟକ୍ତ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ, ପରିଚାଳନା କମିଟି, ଶିକ୍ଷକ ଜିତେନ୍ଦ୍ର ନାୟକ, ସୁଶାନ୍ତ ରଥ, ଦୀପ୍ତି ଦାସ, ଶୁଭସ୍ମିତା ଷଡ଼ଙ୍ଗୀ, ପୁଷ୍ପାରାଣୀ ଦାସ, ପ୍ରିୟଦର୍ଶୀ ସାହୁ, ଶରତ ରଥ ଏବଂ ସିଆରସିସି ସଞ୍ଜୁକ୍ତା ମହାପାତ୍ରଙ୍କ ଅବଦାନକୁ ସ୍ୱୀକାର କରାଯାଇଛି । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସିଆରସିସିଙ୍କ ମିଳିତ ପରିଶ୍ରମର ଏହା ଫଳ ବୋଲି ସେମାନେ ପ୍ରକାଶ କରିବା ସହ ଏହି ସମ୍ମାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପୀତବାସ ୟୁଜିୟୁପି ବିଦ୍ୟାଳୟର ଏହି ସଫଳତାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀମାନେ ପ୍ରଧାନଶିକ୍ଷକ ଉମେଶ କୁମାର ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ସମ୍ମାନ ପିପିଲି ବ୍ଲକର ଶିକ୍ଷା କ୍ଷେତ୍ର ପାଇଁ ଏକ ଗୌରବର ବିଷୟ ପାଲଟିଛି ।

ଭାରତରେ ଡେଟଲ୍ ଅରିଜିନାଲ୍ ଫୋମିଂ ହ୍ୟାଣ୍ଡୱାଶ୍ ଲଞ୍ଚ

ଭୁବନେଶ୍ୱର, ୧୩।୧୧ (ନି.ପ୍ର) : ଅଗ୍ରଣୀ ସ୍ୱଚ୍ଛତା ବ୍ରାଣ୍ଡ ଡେଟଲ ପକ୍ଷରୁ ଭାରତରେ ଏହାର ନୂଆ ’ଡେଟଲ୍ ଅରିଜିନାଲ୍ ଫୋମିଂ ହ୍ୟାଣ୍ଡୱାଶ୍’ ବଜାର ପ୍ରବେଶ କରିଛି, ଯାହା ଏହାର ଚିରାଚରିତ ସୁଗନ୍ଧକୁ ଏକ ଆଧୁନିକ ଫୋମ ରୂପରେ ଉପଲବ୍ଧ କରାଉଛି । ୨୫୦ ମିଲିଲିଟର ପମ୍ପ ପାଇଁ ସ୍ୱତନ୍ତ୍ର ପରୀକ୍ଷା ମୂଳକ ମୂଲ୍ୟ ୧୦୯ ରଖାଯାଇଥିବା ଏହି ନୂତନ ଉତ୍ପାଦରେ ଡେଟଲର ପାରମ୍ପରିକ ସୁଗନ୍ଧ ସହିତ ଏକ ସମୃଦ୍ଧ ଫେଣ ରହିଛି, ଯାହା ହାତରେ ଖୁବ୍ ଶୀଘ୍ର ଚାରିଆଡ଼ ଖେଳିଯାଇ ସାଧାରଣ ତରଳ ସାବୁନ ତୁଳନାରେ ଦଶ ଗୁଣ ଅଧିକ ଜୀବାଣୁ ସୁରକ୍ଷା ପ୍ରଦାନ କରିଥାଏ । ଏହି ଉନ୍ମୋଚନ ଅବସରରେ ରେକିଟର ଦକ୍ଷିଣ ଏସିଆ ସ୍ୱାସ୍ଥ୍ୟ ବିଭାଗର ଆଞ୍ଚଳିକ ବିପଣନ ନିର୍ଦ୍ଦେଶକ ଗୁଣ୍ଟାସ ମୁଦଗଲ କହିଛନ୍ତି ଯେ ହାତର ସମସ୍ତ ଅଂଶ ଭଲ ଭାବରେ ସଫା ନହେବା ପ୍ରଭାବଶାଳୀ ପରିଚ୍ଛନ୍ନତା କ୍ଷେତ୍ରରେ ଏକ ମୁଖ୍ୟ ବାଧା ହୋଇ ରହିଥିଲା ଏବଂ ଏହି ନୂତନ ଫୋମିଂ ରୂପ ଦୈନନ୍ଦିନ ଜୀବନରେ ଉନ୍ନତ ସୁରକ୍ଷାକୁ ଅଧିକ ସହଜ ଓ ସୁଲଭ କରୁଛି ।



ସାରା ଦେଶର ପରିବାରଗୁଡ଼ିକ ନିକଟରେ ପହଞ୍ଚିବା ପାଇଁ ଡେଟଲ ଟିଭି ବିଜ୍ଞାପନ ଏବଂ ସାତଟି ଆଞ୍ଚଳିକ ଭାଷାରେ ଏକ ଡିଜିଟାଲ ଅଭିଯାନ ମାଧ୍ୟମରେ ଏହାର ପ୍ରଚାର କରୁଛି । ବିଭିନ୍ନ ଲୋକପ୍ରିୟ ଡିଜିଟାଲ କଣ୍ଟେଣ୍ଟ ନିର୍ମାତାମାନେ ଦୈନନ୍ଦିନ ଘରୋଇ ପରିବେଶର ସରଳ ପ୍ରଦର୍ଶନ ମାଧ୍ୟମରେ ଦେଖାଉଛନ୍ତି ଯେ କିପରି ଏହାର ଫେଣ ହାତର ପ୍ରତିଟି କୋଣରେ ପହଞ୍ଚିଥାଏ ।

ୟୁନିଫାଏଡ୍ ପେନସନ୍ ମ୍ୟାନଜମେଣ୍ଟ ପୋର୍ଟାଲର ଶୁଭାରମ୍ଭ

ବୁଗୁଡ଼ା୧୩।୧୧ ନି.ପ୍ର): ବୁଗୁଡ଼ା ସହର ଉପକଣ୍ଠସ୍ଥ ତାରୁଟାଙ୍କି ପଡିଆଠାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ ୟୁନିଫାଏଡ୍ ପେନସନ ମ୍ୟାନଜମେଣ୍ଟ ପୋର୍ଟାଲର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପୋର୍ଟାଲକୁ ଉଦଘାଟନ କରିବା ସହ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ଦୁତିକୃଷ୍ଣ ପାତ୍ର ଓ ଏବିଡିଓ ଧର୍ମରାଜ ପରିଡା, ତହସିଲଦାର ତାପସ ରାଉତ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ଅବସରରେ ମୋଟ ୧୮୭୭ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା ବେଳେ ସେଥି ମଧ୍ୟରେ ବୁଗୁଡ଼ା ବ୍ଲକର ୧୭୯୫ ଜଣ ଏବଂ ଏନଏସିର ୮୨ ଜଣ ହିତାଧିକାରୀ ରହିଥିଲେ। ଏଥି ସହିତ ୩ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇଥିଲା।

ଓଡ଼ିଶାରେ ଜାତୀୟ ଇସିସିଇ ଓ ଶିକ୍ଷା କନକ୍ଲେଭ ଉଦ୍‌ଯାପିତ

ଭୁବନେଶ୍ୱର, ୧୩।୧୧ (ନି.ପ୍ର): ସ୍ୱାସ୍ଥ୍ୟ, ପୁଷ୍ଟି, ପ୍ରାରମ୍ଭିକ ଉଦ୍ଦୀପନା ଏବଂ ଖେଳଭିତିକ ଶିକ୍ଷା ଉପରେ ସମନ୍ୱିତ ଧ୍ୟାନ ଦେଇ ଓଡ଼ିଶା ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷା (ଇସିସିଇ) କ୍ଷେତ୍ରରେ ନିଜର ଆଭିମୁଖ୍ୟକୁ ଅଧିକ ସୁଦୃଢ଼ କରୁଛି। ପ୍ରାରମ୍ଭିକ ଶିକ୍ଷା, ପୁଷ୍ଟି ଓ ସମ୍ବେଦନଶୀଳ ଯତ୍ନ (ରେସପନ୍ସିଭ କେୟାର) ପର୍ଯ୍ୟନ୍ତ ଉନ୍ନତ ପହଂଚ ମାଧ୍ୟମରେ ପ୍ରତ୍ୟେକ ଶିଶୁ ପାଇଁ ଏକ ମଜବୁତ ମୂଳଦୁଆ ଗଢ଼ିବା ଉପରେ ରାଜ୍ୟର ପ୍ରୟାସ କେନ୍ଦ୍ରିତ। ସଶକ୍ତ ଅଙ୍ଗନଓ୍ୱାଡ଼ି ଶିକ୍ଷିକା ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣ ଏହି ପ୍ରୟାସକୁ ବଳ ଯୋଗାଉଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରକେଟ ଲର୍ଣ୍ଣିଂର ମିଳିତ ସହଯୋଗରେ ୧୧-୧୨ ନଭେମ୍ବର ୨୦୨୬ ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ଜାତୀୟ ଇସିସିଇ ଓ ଶିକ୍ଷା କନକ୍ଲେଭ ୨୦୨୬ ଓଡ଼ିଶାର ଇସିସିଇ ଯାତ୍ରା ଏବଂ ସୁପୋଷିତ ଓଡ଼ିଶା ମିଶନ ଉପରେ ଆଲୋକପାତ କରିଥିଲା। ବିଭିନ୍ନ ଅଧିବେଶନରେ ୦-୩ ବର୍ଷ ବୟସର ଶିଶୁଙ୍କ ପାଇଁ ପ୍ରାରମ୍ଭିକ ଉଦ୍ଦୀପନା ଓ ଯତ୍ନ, ୩-୬ ବର୍ଷ ବୟସ ବର୍ଗ ପାଇଁ ଖେଳଭିତିକ ଶିକ୍ଷା ଓ ବିଦ୍ୟାଳୟ ପ୍ରସ୍ତୁତି ଏବଂ ସମୁଦାୟ-ଭିତିକ ଇସିସିଇ ମଡେଲ ଉପରେ ଆଲୋଚନା ହୋଇଥିଲା। ଏହାସହ ପ୍ରାରମ୍ଭିକ ଶିଶୁ ବିକାଶକୁ ସୁଦୃଢ଼ କରିବା ପାଇଁ ସମ୍ବେଦନଶୀଳ ଅଭିଭାବକତ୍ୱ ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ସରକାରୀ-ଘରୋଇ ସହଭାଗିତାର ସମ୍ଭାବନା ଉପରେ ମଧ୍ୟ କନକ୍ଲେଭରେ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥି ଓ ବକ୍ତାଙ୍କ ମଧ୍ୟରେ ନୀତି ଆୟୋଗର ପୂର୍ବତନ ସଦସ୍ୟ ଡ. ଭି. କେ. ପଲ୍; ଶିଶୁରୋଗ ବିଶେଷଜ୍ଞ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ପୂର୍ବତନ ଉପ-ନିର୍ଦ୍ଦେଶକ ଡ. ସୌମ୍ୟା ସ୍ୱାମୀନାଥନ; ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦାର୍ସ୍ତୋଲ, ଆଇଏଏସ; ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଶ୍ରୀମତୀ ମୋନିଶା ବାନାର୍ଜୀ, ଆଇଏଏସ; ଇସିସିଇର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, ଆଇଏଏସ ଏବଂ ରକେଟ ଲର୍ଣ୍ଣିଂର ସହ-ପ୍ରତିଷ୍ଠାତା ଶ୍ରୀ ଅଜିଜ୍ ଗୁପ୍ତା ପ୍ରମୁଖ ସାମିଲ ଥିଲେ। ଏହାସହ ଅନ୍ୟ ଅନେକ ଅଧିକାରୀ ଓ ବିଶେଷଜ୍ଞ ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭିକ ଶିଶୁ ବିକାଶ କ୍ଷେତ୍ରରେ ଏକ ସମନ୍ୱିତ ଆଭିମୁଖ୍ୟର ଗୁରୁତ୍ୱ ସମ୍ପର୍କରେ ରକେଟ ଲର୍ଣ୍ଣିଂର ସହ-ପ୍ରତିଷ୍ଠାତା ଶ୍ରୀ ଅଜିଜ୍ ଗୁପ୍ତା କହିଛନ୍ତି, ‘ଗୋଟିଏ ଶିଶୁର ସୁସ୍ଥ ବିକାଶ ପାଇଁ କେବଳ ଶିକ୍ଷାକୁ ଅଲଗା କରି ଦେଖିବା ଯଥେଷ୍ଟ ନୁହେଁ; ପୁଷ୍ଟି, ସ୍ୱାସ୍ଥ୍ୟ, ସମ୍ବେଦନଶୀଳ ଯତ୍ନ ଓ ପ୍ରାରମ୍ଭିକ ଉଦ୍ଦୀପନା କିଭଳି ତା’ର ବିକାଶକୁ ଗଢ଼ିଥାଏ, ତାହା ବୁଝିବା ଆବଶ୍ୟକ। ଏଥିପାଇଁ ଏଭଳି ଏକ ଇକୋସିଷ୍ଟମ ଦରକାର, ଯେଉଁଠି ଅଭିଭାବକ, ଅଙ୍ଗନଓ୍ୱାଡ଼ି ଶିକ୍ଷିକା ଏବଂ ସରକାରୀ ବ୍ୟବସ୍ଥା ମିଳିମିଶି ଶିଶୁମାନଙ୍କୁ ସେମାନଙ୍କ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ସହାୟତା କରିବେ। ରକେଟ ଲର୍ଣ୍ଣିଂରେ ଆମେ ବିଶ୍ୱାସ କରୁ ଯେ, ପ୍ରଥମ ଧାଡ଼ିର ଶିକ୍ଷିକାମାନଙ୍କୁ ଉପଯୁକ୍ତ ସମ୍ବଳ ଯୋଗାଇ ଏବଂ ଅଭିଭାବକମାନଙ୍କୁ ନିଜ ପିଲାଙ୍କ ଶିକ୍ଷାରେ ଅଧିକ ସକ୍ରିୟ ଭାଗୀଦାର କରାଇ ଏହି ଇକୋସିଷ୍ଟମକୁ ସୁଦୃଢ଼ କରିବାରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ। ଓଡ଼ିଶା ସରକାରଙ୍କ ସହ ଆମର ଏହି ସହଯୋଗ ବିଦ୍ୟମାନ ବ୍ୟବସ୍ଥାକୁ ଆଧାର କରି ଆଗକୁ ବଢ଼ିବା ଏବଂ ବୃହତ୍ ପରିସରରେ ଗୁଣାତ୍ମକ ପ୍ରାରମ୍ଭିକ ଶିଶୁ ବିକାଶ ସୁନିଶ୍ଚିତ କରିବା ପାଇଁ ସେହି ବ୍ୟବସ୍ଥାର କ୍ଷମତାକୁ ସୁଦୃଢ଼ କରିବାର ଗୁରୁତ୍ୱକୁ ପ୍ରତିଫଳିତ କରେ।’ ଶିଶୁର ଜୀବନର ପ୍ରଥମ ଛଅ ବର୍ଷର ଗୁରୁତ୍ୱ ଏଥିରେ ନିହିତ ଯେ, ପୁଷ୍ଟି, ସ୍ୱାସ୍ଥ୍ୟ, ସମ୍ବେଦନଶୀଳ ଯତ୍ନ ଓ ପ୍ରାରମ୍ଭିକ ଉଦ୍ଦୀପନା ପରସ୍ପର ସହ ଜ



ପତ୍ନୀ ଓ ପୁଅକୁ ହାଣି ଥାନାରେ ବାପାର ଆତ୍ମସମର୍ପଣ

ବଳଙ୍ଗା,୧୩।୧୧ (ନି.ପ୍ର): ଗୁରୁବାର ବିଳମ୍ବିତ ରାତିରେ ବଳଙ୍ଗା ୭୬ଘର ସାହିରେ ଅଭାବନୀୟ ଘଟଣା ଘଟିଛି । ସାହିର ଜଣେ ବ୍ୟକ୍ତିଙ୍କ ଖଣ୍ଡା ଚୋଟରେ ପତ୍ନୀ ଓ ପୁଅ ଗୁରୁତର ହୋଇଛନ୍ତି । ଘଟଣା ଘଟାଇବା ପରେ ବ୍ୟକ୍ତି ଜଣଙ୍କ ଥାନାରେ ଆତ୍ମ ସମର୍ପଣ କରିଛନ୍ତି । ସୂଚନା ମୁତାବକ ଗତକାଲି ରାତିରେ ସୁଜିତ କୁମାର ଦଳେଇ ପତ୍ନୀ ମମତା ଦଳେଇଙ୍କ ସହ ଘରେ ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏ ସମୟରେ ପୁଅ ବବୁଲ ଦଳେଇ ଘରକୁ ଆସିଥିଲା । ବାହାରେ ଥାଇ ଘର ଲୋକଙ୍କୁ ଡାକିଥିଲା । କବାଟ ଖୋଲିବାରେ ବିଳମ୍ବ ହେବାରୁ ବବୁଲ ଦାଣ୍ଡ କବାଟକୁ ଶକ୍ତ ଗୋଇଠା ମାରିଥିଲା । ଫଳରେ କବାଟ ଭାଙ୍ଗିଯିବା ସହ ପରିବାର ଅନ୍ୟ ସଦସ୍ୟ ଉଠି ଯାଇଥିଲେ । ବବୁଲ ବାପା ବୋଉ ଶୋଇଥିବା ଘରକୁ ଯାଇ କବାଟ ବାଡ଼ ?ଇ ଥିଲା । ସୁଜିତ ଓ ମମତା ଉଠି କବାଟ ଖୋଲିଥିଲେ । କଣ ପାଇଁ ବୋଉକୁ ମାରୁଥିଲ ବୋଲି କହି ବବୁଲ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ସୁଜିତଙ୍କୁ ମାଡ଼ ମାରିଥିଲା । ଏହି ସମୟରେ ମମତା ବବୁଲକୁ ସୁଜିତଙ୍କୁ ବାଡେଇବା ପାଇଁ ଉତ୍ସାହିତ କରିଥିଲେ । ଫଳରେ ସୁଜିତ କ୍ରୋଧାନ୍ୱିତ ହୋଇ ଘରେ ଥିବା ଏକ ଖଣ୍ଡା ଆଣି ପୁଅ ବବୁଲକୁ ଚୋଟ ପକାଇବା ବେଳେ ପତ୍ନୀ ମମତା ଆଗକୁ ଆସି ଯାଇଥିଲେ । ଫଳରେ ଖଣ୍ଡା ଚୋଟ ମମତାଙ୍କ ମୁଣ୍ଡରେ ବାଜି ଗଭୀର ଆଘାତ ଲାଗିଥିଲା । ପରେ ଖଣ୍ଡା ଚୋଟରେ ବବୁଲ ଓ ନାବାଳିକା ଝିଅ ଆହତ ହୋଇଥିଲେ । ପରେ ପରିବାର ଲୋକେ ୧୦୮ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସମସ୍ତଙ୍କୁ ଡ଼ାକ୍ତର କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ଘଟଣା ପରେ ସୁଜିତ ଥାନାରେ ଯାଇ ଆତ୍ମ ସମର୍ପଣ କରିଥିଲା । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ନେଇ ଥାନା ଆଇ ଆଇ ସି ସସ୍ମିତା ସାହୁ ସୂଚନା ଦେଇଛନ୍ତି ।

ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ନୂତନ ଭତ୍ତା କାର୍ଡ ବଣ୍ଟନ ଏବଂ ୟୁପିଏମ ପୋର୍ଟାଲ ଉଦ୍‌ଘାଟିତ

ପାରାଦୀପ,୧୩/୧୧ (ନି.ପ୍ର): ପାରାଦୀପ ପୌରପାଳିକା ପ୍ରଶାସନିକ ଭବନ ପରିସରରେ ଶୁକ୍ରବାର ଆୟୋଜିତ ନୂତନ ଭତ୍ତା କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁ ପେନ୍‌ସନ୍ ଯୋଜନାରେ ପାରାଦୀପ ଅଞ୍ଚଳର ୪୦୦ ଜଣ ନୂତନ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ଅପେକ୍ଷାର ଯୁଗ ଶେଷ ହୋଇଛି । ବୟୋଜ୍ୟେଷ୍ଠ, ଅସହାୟ ତଥା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଅଧିକାରକୁ ସମ୍ମାନ ଜଣାଇବାର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି, ଯେଉଁଥିରେ ପୂର୍ବ ସରକାରଙ୍କର ସମ୍ବେଦନହୀନ କୋଟା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଭତ୍ତା ପ୍ରଦାନ ସୁନିଶ୍ଚିତ କରାଯାଇଛି ଏବଂ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ସରଳୀକରଣ କରିବା ଉଦ୍ଦେଶ୍ୟରେ 'ୟୁନିଫାଏଡ ପେନସନ ମ୍ୟାନେଜମେଣ୍ଟ



ପୋର୍ଟାଲ'(ୟୁପିଏମପି) କୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି । ଯାହା ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନେ ସିଧାସଳଖ, ଜନସେବା କେନ୍ଦ୍ର କିମ୍ବା ବିଡିଓ କାର୍ଯ୍ୟାଳୟ ଜରିଆରେ ଅନଲାଇନ୍ ଆବେଦନ କରିପାରିବେ । ଆବେଦନ ମଞ୍ଜୁର ହେବାର ପରବର୍ତ୍ତୀ ମାସରୁ ନିୟମିତ ଭତ୍ତା ମିଳିବ ଏବଂ ୮୦ ବର୍ଷ ବୟସ ପୂର୍ଣ୍ଣ କରୁଥିବା ହିତାଧିକାରୀଙ୍କୁ ବର୍ଦ୍ଧିତ ୩,୫୦୦ ଟଙ୍କା ପାଇଁ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ, ବରଂ ବ୍ୟବସ୍ଥା ଅନୁଯାୟୀ ଏହା ସ୍ୱୟଂକ୍ରିୟ ଭାବେ ଲାଗୁ ହେବ ଏବଂ ନୂତନ ହିତାଧିକାରୀମାନଙ୍କୁ ଅକ୍ଟୋବର ଏବଂ ନଭେମ୍ବର ମାସର ଭତ୍ତା ଏକକାଳୀନ ପ୍ରଦାନ କରାଯିବ ଏବଂ ଡିସେମ୍ବର ମାସ ଠାରୁ ପ୍ରତି ମାସର ୧୫ ତାରିଖରେ ହିତାଧିକାରୀଙ୍କୁ ନିୟମିତ ଭାବେ ଭତ୍ତା ରାଶି ପ୍ରଦାନ କରାଯିବ । ଏହା ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ପ୍ରତି ସରକାରଙ୍କ ସମ୍ବେଦନଶୀଳତା ଓ ପ୍ରତିବଦ୍ଧତାର ପ୍ରତିଫଳନ । ଏଥିପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ । ତୃଣମୂଳ ସ୍ତରର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ତଥା ଅନ୍ତ୍ୟୋଦୟର ସଂକଳ୍ପକୁ ସାକାର କରିବା ଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,ପୌର ଯନ୍ତ୍ରୀ ଦିଲ୍ଲୀପ କୁମାର ସେଠୀ, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ ଏବଂ ପୌର ଉପାଧ୍ୟକ୍ଷା ଙ୍କ ସମେତ ଅନ୍ୟାନ୍ୟ ପାରିଷଦ ମାନେ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ କଟକ ଜିଲ୍ଲାକୁ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା ସମ୍ମାନ



କଟକ, ୧୩।୧୧ (ନି.ପ୍ର) : ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ କଟକ ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଦ୍ୱିତୀୟ ଶ୍ରେଷ୍ଠ ଜିଲ୍ଲା (2nd Rank in Best District Category) ଭାବେ ସମ୍ମାନିତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ଉନ୍ନତି ପାଇଁ କଟକ ଜିଲ୍ଲାକୁ ଏହି ଗୌରବମୟ ସ୍ୱୀକୃତି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଠାରେ ଆଜି ଆୟୋଜିତ ଭବ୍ୟ ସମାରୋହରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କଠାରୁ କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ପୁରସ୍କାର ଓ ସମ୍ମାନପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ମଞ୍ଚରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସଫଳତା ଜିଲ୍ଲାର ଶିକ୍ଷା ବିଭାଗର ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସାମୂହିକ ପ୍ରୟାସର ପରିଣାମ। ଏହି ସମ୍ମାନ କଟକ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ନୂତନ ଉତ୍ସାହ ଓ ପ୍ରେରଣା ଯୋଗାଇବା ସହ ଆଗାମୀ ଦିନରେ ଆହୁରି ଉନ୍ନତି ପାଇଁ ପଥ ପ୍ରଶସ୍ତ କରିବ।

ବିଲ ବକେୟା ମାମଲାରେ କାର୍ଯ୍ୟାନୁଷ୍ଠାନ
କେନ୍ଦ୍ରାପଡା ଆର.ଡି. ଡିଭିଜନ-୨ ସିଲ, କୋର୍ଟ କର୍ମଚାରୀ ମାରିଲେ ନାଲି ଫିତା



କେନ୍ଦ୍ରାପଡ଼ା,୧୩।୧୧ (ନି.ପ୍ର) : ଠିକାଦାରଙ୍କ ବକେୟା ବିଲ୍ ପ୍ରଦାନ ନ କରି ଶେଷରେ ଅଡୁଆରେ ପଡ଼ିଛି କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଡିଭିଜନ (ଆରଡି)-୨। କେନ୍ଦ୍ରାପଡ଼ା ବାଣିଜ୍ୟିକ କୋର୍ଟ (ସିଭିଲ ଜଜ୍ ସିନିଅର ଡିଭିଜନ)ଙ୍କ ନିର୍ଦ୍ଦେଶକ୍ରମେ ଆଜି ପୂର୍ବାହ୍ନରେ କୋର୍ଟର ଅଧିକାରୀ ଓ କର୍ମଚାରୀମାନେ ସେଠାରେ ପହଞ୍ଚି ଆରଡି-୨ କାର୍ଯ୍ୟାଳୟକୁ ସିଲ୍ କରିବା ସହ ସମସ୍ତ ଚଳନ୍ତି ସମ୍ପତ୍ତି ଓ ଆସବାବପତ୍ର ଜବତ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ କାର୍ଯ୍ୟାଳୟର ସମସ୍ତ ଟେବୁଲ ଓ ଚେୟାରରେ ନାଲିଫିତା ମରାଯାଇଛି। ଗତକାଲି ଏନେଇ ଇଚ୍ଛାପୁର ସମେତ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଡେଣ୍ଡୁରା ପିଟାଯାଇ ସର୍ବସାଧାରଣଙ୍କୁ ଅବଗତ କରାଯାଇଥିବା ବେଳେ ଆଜି କୋର୍ଟ ଅଧିକାରୀ ଓ କର୍ମଚାରୀଙ୍କ ଏହି କଠୋର ପଦକ୍ଷେପ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ୨୦୦୩-୦୪ ମସିହାରେ ଆରଡି-୨ ବିଭାଗ ଅଧୀନରେ ଠିକାଦାର ରମେଶ ଚନ୍ଦ୍ର ସାମନ୍ତରାୟ ରାଜନଗର ବ୍ଲକ୍‌ର ଡାଳଗୁଆ ଓ ଦଳେଇସାହି ଠାରେ ପ୍ରାୟ ୧କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ବାଡ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ୨୦୦୪ ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟ୍‌ରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିବା ପାଇଁ ସେ ନିଜର ଠିକାଦାର ଲାଇସେନ୍ସ ସରେଣ୍ଡର କରିଦେଇଥିଲେ। ତେବେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ ତାଙ୍କୁ ବକେୟା ବିଲ୍ ପ୍ରଦାନ କରାଯାଇ ନଥିଲା। ନ୍ୟାୟ ପାଇଁ ଶ୍ରୀ ସାମନ୍ତରାୟ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ଏକ ଥ୍ରିଜଣିଆ ମଧ୍ୟସ୍ଥତା କମିଟି ନିଯୁକ୍ତ କରାଯାଇଥିଲା, ଯାହାର ରାୟ ଠିକାଦାରଙ୍କ ସପକ୍ଷରେ ଯାଇଥିଲା। ମାତ୍ର ବିଭାଗ ପକ୍ଷରୁ ଏହି ରାୟ କାର୍ଯ୍ୟକାରୀ ନ ହେବାରୁ ସେ ଅଦାଲତଙ୍କ ଆଶ୍ରୟ ନେଇଥିଲେ। କେନ୍ଦ୍ରାପଡ଼ା ବାଣିଜ୍ୟିକ କୋର୍ଟ ମଧ୍ୟ ମଧ୍ୟସ୍ଥତା କମିଟିର ରାୟକୁ କାଏମ ରଖି ବକେୟା ଅର୍ଥ ପେଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁଧମୂଳ ମିଶି ବର୍ତ୍ତମାନ ଠିକାଦାର ପ୍ରାୟ ୧ କୋଟି ୩୭ ଲକ୍ଷ ଟଙ୍କା ପାଇବାକୁ ଥିବାବେଳେ ବିଭାଗୀୟ ଅବହେଳା ଯୋଗୁଁ ଅଦାଲତଙ୍କ ନିର୍ଦ୍ଦେଶରେ ଆଜି ଆରଡି ଡିଭିଜନ-୨ କାର୍ଯ୍ୟାଳୟର ସମ୍ପତ୍ତି ଜବତ କରାଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ଅଦାଲତ ଦେଇଥିବା ପୂର୍ବ ରାୟକୁ ଚାଲେଞ୍ଜ କରି ବିଭାଗ ପକ୍ଷରୁ ଉପର ଅଦାଲତଙ୍କ ଦ୍ୱାରସ୍ଥ କରାଯାଇଥିବା ନେଇ ଆରଡି-୨ ଅଧୀକ୍ଷଣ ଯନ୍ତ୍ରୀ ସୁରଥ ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ କେନ୍ଦ୍ରାପଡ଼ା ବାଣିଜ୍ୟିକ କୋର୍ଟ (ସିଭିଲ ଜଜ୍ ସିନିଅର ଡିଭିଜନ)ଙ୍କ ନିର୍ଦ୍ଦେଶ ପରେ ଆଜି କୋର୍ଟର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଆର.ଡି. କାର୍ଯ୍ୟାଳୟ ସିଲ୍ କରିବା ଘଟଣା ପ୍ରଶାସନିକ ମହଲରେ ହଇଚଇ ସୃଷ୍ଟି କରିଛି।

ଖଣ୍ଡପଡ଼ା ବ୍ଲକରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ଖଣ୍ଡପଡ଼ା, ୧୩/୧୧ (ନିପ୍ର): ଖଣ୍ଡପଡ଼ା ପଞ୍ଚାୟତ ସମିତି ପରିସରରେ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ବିଡିଓ ଅଙ୍କୁର ଅଭିଳାଷଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେବା ସହିତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ନାୟକଙ୍କ ସୂଚନା ମୁତାବକ ମୋଟ ୧୧୨୪ ହିତାଧିକାରୀଙ୍କୁ ନୂତନ ଭତ୍ତା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିବା ବେଳେ ପ୍ରାରମ୍ଭିକ ଭାବେ ୨୮୭ ଲୋକଙ୍କୁ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଝ.ଡେଶ୍ୱର ଦାସ, କଟକ ଲୋକସଭା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ମଞ୍ଚାସୀନ ରହିବା ସହିତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେହିପରି ଅନ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ପଞ୍ଚାୟତରେ ଭତ୍ତା ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ଭଡ଼ାଘରୁ ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଯୋଡ଼ା, ୧୩/୧୧ (ନି.ପ୍ର) : କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳ ଯୋଡ଼ାସ୍ଥିତ କଣ୍ଡାକ୍ଟର କଲୋନୀରେ ଏକ ଭଡ଼ାଘରୁ ଆଜି ସକାଳୁ ଜଣେ ମହିଳା ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ମୃତ ଶିକ୍ଷୟିତ୍ରୀଙ୍କ ବୟସ ୩୧ ବର୍ଷ ହୋଇଥିବା ବେଳେ ତାଙ୍କ ପରିଚୟ ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ରୋଜାଲିକା ପାତ୍ର ବୋଲି ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ରୋଜାଲିକା ଯୋଡ଼ା ନିକଟସ୍ଥ ଲହଣ୍ଡାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ (ଫିଜିକ୍ସ) ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ । ସେ ଯୋଡ଼ା କଣ୍ଡାକ୍ଟର କଲୋନୀର ଏକ ଭଡ଼ାଘରେ ରହୁଥିଲେ । ଗତକାଲି ସନ୍ଧ୍ୟା ସମୟରେ କାମବାଲୀ ସବୁଦିନ ପରି ଘରକାମ କରିବାକୁ ଆସି ତାଙ୍କୁ ଡାକିଥିଲେ । ତେବେ ଦୀର୍ଘ ସମୟ ଧରି ରୋଜାଲିକା ଘରର କବାଟ ଖୋଲି ନଥିଲେ କିମ୍ବା ଫୋନ୍ କଲ୍ ମଧ୍ୟ ରିସିଭ୍ କରିନଥିଲେ । ଏଥିରେ ସନ୍ଦେହ ହେବାରୁ ଘର ମାଲିକ ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଜି ସକାଳୁ ଘରର କବାଟ ଭାଡ଼ି ଭିତରକୁ ପ୍ରବେଶ କରିବା ପରେ ଘର ଭିତର ଫ୍ୟାନରେ ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ । ବଡ଼ବିଲ ତହସିଲଦାରଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ଆବଶ୍ୟକ ଯାଞ୍ଚ ଓ ତଦନ୍ତ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି । ଏଥିସହିତ ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବା ନେଇ ମଧ୍ୟ ସୂଚନା ମିଳିଛି । ତେବେ ଉକ୍ତ ନୋଟ୍‌ରେ କ'ଣ ଲେଖାଯାଇଛି ଏବଂ ତାହାର ବିଷୟବସ୍ତୁ କ'ଣ, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ୱୀକୃତିକରଣ ମିଳିନାହିଁ । ପୋଲିସ ପକ୍ଷରୁ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ଜଣାପଡ଼ିଛି । ମୃତଦେହ ଉଦ୍ଧାର, ଘଟଣାସ୍ଥଳରୁ ମିଳିଥିବା ସାମଗ୍ରୀ ଏବଂ ସୁଇସାଇଡ୍ ନୋଟ୍ ?ର ଯାଞ୍ଚ ପରେ ହିଁ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସ୍ପଷ୍ଟ ହୋଇପାରିବ । ଜଣେ ଯୁବ ଶିକ୍ଷୟିତ୍ରୀଙ୍କ ଏଭଳି ଅକାଳ ମୃତ୍ୟୁ ଘଟଣା ଶିକ୍ଷା ମହଲ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଆଲୋଡ଼ନ ସୃଷ୍ଟି କରିଛି । ତେବେ ଏହି ଘଟଣା ପଛରେ ଥିବା ପ୍ରକୃତ କାରଣ ପୋଲିସର ସମ୍ପୂର୍ଣ୍ଣ ତଦନ୍ତ ପରେ ହିଁ ଜଣାପଡ଼ିବ।

ବିଶିଷ୍ଟ ଚିକିତ୍ସାବିତ୍ ଓ ସମାଜସେବୀ ପ୍ରଫେସର ଡଃ ନିରଞ୍ଜନ ତ୍ରିପାଠୀଙ୍କୁ ଭେଟିଲେ ମେୟର ସୁବାସ ସିଂହ

କଟକ, ୧୩।୧୧ (ନି.ପ୍ର) : ବରିଷ୍ଠ ନାଗରିକମାନଙ୍କ ସମ୍ମାନ, ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ଏବଂ ସମାଜ ପାଇଁ ଜୀବନବ୍ୟାପୀ ଅବଦାନ ରଖିଥିବା ବ୍ୟକ୍ତିତ୍ୱମାନଙ୍କ ସହ ଆତ୍ମୀୟ ସମ୍ପର୍କ ସ୍ଥାପନ କରିବାର ମହତ୍ ଉଦ୍ଦେଶ୍ୟ ନେଇ କଟକ ମହାନଗର ନିଗମ ପକ୍ଷରୁ ଜାରି ରହିଛି ଅଭିନବ ଜନସମ୍ପର୍କ କାର୍ଯ୍ୟକ୍ରମ 'ଆପଣ କେମିତି ଅଛନ୍ତି ?'। ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ କଟକର ବିଶିଷ୍ଟ ଚିକିତ୍ସାବିତ୍, ଶିକ୍ଷାବିତ୍ ଓ ସମାଜସେବୀ ପ୍ରଫେସର ଡଃ ନିରଞ୍ଜନ ତ୍ରିପାଠୀଙ୍କୁ ଭେଟି ତାଙ୍କର ସୁଖଦୁଃଖ, ସ୍ୱାସ୍ଥ୍ୟ ଓ ଭଲମନ୍ଦ ପଚାରି ବୁଝିଛନ୍ତି କଟକ ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହ। ଏହି ସାକ୍ଷାତକାର କେବଳ ଏକ ଔପଚାରିକ ସୌଜନ୍ୟମୂଳକ ସାକ୍ଷାତ ନୁହେଁ; ବରଂ ଦୀର୍ଘବର୍ଷ ଧରି ଚିକିତ୍ସା, ଶିକ୍ଷା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଥିବା ଜଣେ ବରିଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରତି ସମ୍ମାନ ଓ ଆତ୍ମୀୟତାର ପ୍ରକାଶ। ମେୟର ଶ୍ରୀ ସୁବାସ ସିଂହ ଏହି ଅବସରରେ ପ୍ରଫେସର ଡଃ ତ୍ରିପାଠୀଙ୍କ ସହ ଭାବବିନିମୟ କରି ତାଙ୍କର ଦୀର୍ଘ ଅଭିଜ୍ଞତା, ସମାଜ ପ୍ରତି ଅବଦାନ ଓ ଜୀବନର ବିଭିନ୍ନ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ଡଃ ନିରଞ୍ଜନ ତ୍ରିପାଠୀ ଓଡ଼ିଶାର ଚିକିତ୍ସା ଓ ଶିକ୍ଷା ଜଗତରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ। ୧୯୪୨ ମସିହାରେ ଜନ୍ମଗ୍ରହଣ କରିଥିବା ଡଃ ତ୍ରିପାଠୀ ୧୯୭୨ ମସିହାରେ ଜେନେରାଲ ମେଡିସିନ୍ ?ରେ ଏମ୍ ?ଡି ଡିଗ୍ରୀ ହାସଲ କରିଥିଲେ। ୧

ପୋଡ଼ାଡ଼ିହରେ ଆଜିଠୁ ଏସ କେ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା, ୧୩।୧୧(ନି.ପ୍ର.): ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ଯୁବପିଢ଼ିଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବୃଦ୍ଧି ଲକ୍ଷ୍ୟରେ ପୋଡ଼ାଡ଼ିହ ସ୍ପ?ର୍ଟ୍ସ ଆସୋସିଏସନ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଏସ କେ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ।ଆସନ୍ତା ନଭେମ୍ବର ୧୪ ତାରିଖ ଶନିବାର ପୋଡ଼ାଡ଼ିହ ସ୍କୁଲ ପଡ଼ିଆରେ ଅପରାହ୍ନ ୫ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ପ୍ରଥମ ଦିନରେ ଚାରିଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ ବାଲିଅନ୍ତା ଓ ନରସିଂହପୁର ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଟାମାଟି ଓ କୁରାଡ଼ିଲୋ, ତୃତୀୟ ମ୍ୟାଚ୍‌ରେ ମେଣ୍ଢାଶାଳ ଓ ପୋଡ଼ାଡ଼ିହ ଏବଂ ଚତୁର୍ଥ ମ୍ୟାଚ୍‌ରେ ରେନବୋ ଓ ଜେନାପଦା ମଧ୍ୟରେ ଟକ୍କର ହେବ।ନଭେମ୍ବର ୧୫ ତାରିଖ ରବିବାର ଦିନ ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷ ରୁ ସୂଚନା ଦିଆଯାଇଛି ।ଏହି କ୍ରୀଡ଼ା ମହୋତ୍ସବକୁ ସଫଳ କରିବା ପାଇଁ ପୋଡ଼ାଡ଼ିହ ସ୍ପ?ର୍ଟ୍ସ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ଅଞ୍ଚଳର କ୍ରୀଡ଼ାପ୍ରେମୀ, ଯୁବକ ଓ ଭଲିବଲ୍ ପ୍ରେମୀଙ୍କୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

ବିବାହ ଶୋଭାଯାତ୍ରାରେ ବାଣ ଫୁଟାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ

ଗଞ୍ଜାମ ,୧୩।୧୧: ଏକ ବିବାହ ଶୋଭାଯାତ୍ରାରେ ବାଣ ଫୁଟାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ଘଟି ୭ ଜଣ ଆହତ ହୋଇଛନ୍ତି। ଏଭଳି ଘଟଣା ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ସୁବଳୟା ଗ୍ରାମରେ ଘଟିଛି। ସୂଚନା ଅନୁଯାୟୀ, ଗ୍ରାମରେ ଏକ ବିବାହ ଶୋଭାଯାତ୍ରା ଚାଲିଥିବା ସମୟରେ ବାଣ ଫୁଟାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉଗ୍ରରୂପ ଧାରଣ କରିବା ସହ ଉଭୟ ପକ୍ଷ ମଧ୍ୟରେ ମାରପିଟ୍? ଆରମ୍ଭ ହୋଇଥିଲା। ଏପରିକି ଘଟଣାସ୍ଥଳରେ ଖଣ୍ଡା ଓ କାତି ଭଳି



ଧାଗୁଆ ଅସ୍ତ୍ର ବୁଲିଥିବା ଜଣାପଡ଼ିଛି। ଏହି ସଂଘର୍ଷରେ କଣ୍ଡିଆଗଡ଼ ଗ୍ରାମର ରାଜା ପ୍ରଧାନ, ସୁନୀଲ ପ୍ରଧାନ ଓ ଅନିଲ ପ୍ରଧାନଙ୍କ ସମେତ ଉଭୟ ଗୋଷ୍ଠୀର ମୋଟ ୭ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଛତ୍ରପୁର ମେଡିକାଲକୁ ଅଣାଯାଇଥିଲା। ତେବେ ରାଜା ପ୍ରଧାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ରମ୍ଭା ପୁଲିସ ତଦନ୍ତ ଜାରି ରଖିଛି।

ଆଇସିଜେ ପ୍ରେସିଡେଣ୍ଟ ୟୁଜି ଇୱାସାୱାଙ୍କ କିଟ୍ ଓ କିସ୍ ପରିଦର୍ଶନ

ଭୁବନେଶ୍ୱର,୧୩।୧୧(ନି.ପ୍ର.): ମିଳିତ ଜାତିସଂଘର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ନ୍ୟାୟାଧୀଶ ୟୁଜି ଇୱାସାୱାଙ୍କ ସମେତ ଏହାର ଅନ୍ୟ ଦୁଇ ବରିଷ୍ଠ ବିଚାରପତି ନ୍ୟାୟାଧୀଶ ଲିଓନାର୍ଡୋ ନେମର କାଲଡେଇରା ବ୍ରାଣ୍ଟ ଓ ନ୍ୟାୟାଧୀଶ ବୋଗଦାନ୍-ଲୁସିଆନ୍ ଆଉରେସ୍କୁ କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ଆସନ୍ତାକାଲି କିସ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନ୍ୟାୟାଧୀଶ ଇୱାସାୱାଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଅନ୍ୟ ଦୁଇ ବିଚାରପତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବ।

ଆଇସିଜେ ହେଉଛି ମିଳିତ ଜାତିସଂଘର ମୁଖ୍ୟ ନ୍ୟାୟିକ ସଂସ୍ଥା। ୧୯୪୫ ମସିହାରେ ପ୍ରତିଷ୍ଠିତ ଏହି ଅନ୍ତର୍ଜାତୀୟ ନ୍ୟାୟାଳୟ ନେଦରଲାଣ୍ଡସର ହେଗ୍ ସହରରେ ଅବସ୍ଥିତ। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଉପୁଜୁଥିବା ଆଇନଗତ ବିବାଦର ସମାଧାନ କରିବା ଏହାର ପ୍ରମୁଖ ଦାୟିତ୍ୱ। ଏଥିସହ ମିଳିତ ଜାତିସଂଘର ଅଧିକୃତ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ଅନ୍ତର୍ଜାତୀୟ ଆଇନ ସଂପର୍କରେ ପରାମର୍ଶ ମଧ୍ୟ ପ୍ରଦାନ କରିଥାଏ। ବିଶ୍ୱରେ ଶାନ୍ତି, ନ୍ୟାୟ ଓ ଆଇନର ଶାସନ ପ୍ରତିଷ୍ଠା ସହ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ଓ ସୁସଂପର୍କ ବଜାୟ ରଖିବାରେ ଆଇସିଜେର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୀମା ବିବାଦ, ସାମୁଦ୍ରିକ ଅଧିକାର, ଅନ୍ତର୍ଜାତୀୟ ଚୁକ୍ତିନାମା ଓ ଆଇନର ବ୍ୟାଖ୍ୟା ଭଳି ବିଭିନ୍ନ ପ୍ରସଙ୍ଗରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦର ଆଇନଗତ ସମାଧାନ କରିଥାଏ ଏହି ନ୍ୟାୟାଳୟ। ଦେଶ ଦେଶ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷକୁ ନ୍ୟାୟିକ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରି ଶାନ୍ତି ପ୍ରତିଷ୍ଠାରେ ସହାୟତା କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ଅନ୍ତର୍ଜାତୀୟ ଆଇନ ଓ ଚୁକ୍ତିନାମା ପ୍ରତି ସମ୍ମାନ ପ୍ରଦର୍ଶନ, ରାଷ୍ଟ୍ରଗୁଡ଼ିକର ଆଇନଗତ ଦାୟିତ୍ୱ ନିର୍ଦ୍ଧାରଣ ଏବଂ ନ୍ୟାୟାଳୟର ରାୟ ପାଳନ ଦିଗରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଆଇସିଜେର ତିନି ଜଣ ବିଶିଷ୍ଟ ବିଚାରପତି କିଟ୍ ଓ କିସ୍ ପରିଦର୍ଶନ କରିସାରିଛନ୍ତି। ସେମାନେ ହେଲେ ଭାରତର ନ୍ୟାୟାଧୀଶ ଡ. ଦଲବୀର ଭଣ୍ଡାରୀ, ସୋମାଲିଆର ନ୍ୟାୟାଧୀଶ ଡ. ଅବ୍ଦୁଲକାୱି ଅହମ୍ମଦ ୟୁସୁଫ୍ ଏବଂ ବ୍ରାଜିଲ୍‌ର ନ୍ୟାୟାଧୀଶ ଆଣ୍ଟୋନିଓ ଅଗଷ୍ଟୋ କାନ୍‌ସାଡୋ ଟ୍ରିଣ୍ଡାଡେ। ଏହି ତିନି ଜଣଙ୍କ ସମେତ ବର୍ତ୍ତମାନ ପରିଦର୍ଶନରେ ଆସିଥିବା ଆଉ ତିନି ଜଣ ବିଚାରପତିଙ୍କୁ ମିଶାଇ ଆଇସିଜେର ମୋଟ ୬ ଜଣ ବିଚାରପତିଙ୍କ ପରିଦର୍ଶନ କିଟ୍ ଓ କିସ୍‌ର ଅନ୍ତର୍ଜାତୀୟ ପରିଚୟକୁ ଆହୁରି ସମୃଦ୍ଧ କରିଛି।

ଆଇସିଜେରେ ମୋଟ ୧୫ ଜଣ ବିଚାରପତି ରହିଛନ୍ତି। ସେମାନେ ୯ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ଏବଂ ପୁନଃନିର୍ବାଚିତ ହେବାର ସୁଯୋଗ ମଧ୍ୟ ରହିଛି। ପ୍ରତି ତିନି ବର୍ଷରେ ଥରେ ପାଞ୍ଚ ଜଣ ବିଚାରପତିଙ୍କ ନିର୍ବାଚନ ହୋଇଥାଏ। ବିଭିନ୍ନ ଦେଶର ଜାତୀୟ ଗୋଷ୍ଠୀ (ନ୍ୟାସନାଲ୍ ଗ୍ରୁପ୍) ପକ୍ଷରୁ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ ମାଧ୍ୟମରେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରାଯାଇଥାଏ। ପରେ ଜାତିସଂଘର ସାଧାରଣ ପରିଷଦ ଓ ସୁରକ୍ଷା ପରିଷଦ ଦ୍ୱାରା ସେମାନେ ନିର୍ବାଚିତ ହୁଅନ୍ତି। ଭାରତର ନ୍ୟାୟାଧୀଶ ଡ. ଦଲବୀର ଭଣ୍ଡାରୀ ୨୦୧୨ ମସିହାରୁ ଦୀର୍ଘ ୧୮ ବର୍ଷ ଧରି ଆଇସିଜେର ବିଚାରପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହା ତାଙ୍କର ଅନ୍ତର୍ଜାତୀୟ ନ୍ୟାୟିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତାର ପରିଚୟ ଦେଇଥାଏ।

ଆଇସିଜେର ବିଚାରପତିମାନେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥାନ୍ତି। ସେମାନଙ୍କ ପରିଦର୍ଶନ ନିଶ୍ଚିତ ଭାବେ କିଟ୍ ଓ କିସ୍ ପାଇଁ ଗୌରବର ବିଷୟ। ବିଶେଷକରି, ପ୍ରଥମ ଥର ପାଇଁ ଆଇସିଜେ ପ୍ରେସିଡେଣ୍ଟ ନ୍ୟାୟାଧୀଶ ୟୁଜି ଇୱାସାୱାଙ୍କ ଓଡ଼ିଶା ଆଗମନ ଏହି ପରିଦର୍ଶନକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିଛି।

ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ

ଖୋର୍ଦ୍ଧା, ୧୩।୧୧: ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ, ଖୋର୍ଦ୍ଧା ଜିଲ୍ଲା ର ଜିଲ୍ଲା କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସର ରେ ମହା ସମାରୋହ ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାଣପୁର, ଟାଙ୍ଗୀ ଓ ଖୋର୍ଦ୍ଧା ବ୍ଲକ ର ଶତାଧିକ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଚାଷୀ, ବିଭିନ୍ନ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ ।ସଭାରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ମନୋରଞ୍ଜନ ମିଶ୍ର



ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରଶାସନ ଅଧିକାରୀ ଶ୍ରୀ ସଦାଶିବ ମହାପାତ୍ର ମାଣ୍ଡିଆ ଦିବସ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ ।ଗ୍ରାମାଞ୍ଚଳରେ କମ ଖର୍ଚ୍ଚ ରେ ମାଣ୍ଡିଆ ଚାଷ କରି ଦୈନିକ ଖାଦ୍ୟ ଭାବରେ ଆପଣେଇ ନେବାର ସମୟ ଆସି ପହଁଚିଛି ।ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯଥା ରକ୍ତହୀନତା ଓ ଆଣ୍ଠୁ ଗଣ୍ଠି ବାତ ରୁ ରକ୍ଷା ପାଇବା ପାଇଁ ବିଭିନ୍ନ ବଟିକା ଖାଇବା ପରିବର୍ତ୍ତେ ମାଣ୍ଡିଆ ଖାଇବା ସହଜ । ଅନ୍ୟ ସ୍ୱାସ୍ଥ୍ୟ ଗତ ସମସ୍ୟା ସମାଧାନ ପାଇଁ ପୁଷ୍ଟି ଶସ୍ୟ ରେ ଥିବା ବିଭିନ୍ନ ଖାଦ୍ୟ ଉପାଦାନ ଆମ ଶରୀର ପାଇଁ ଅତ୍ୟନ୍ତ ଉପାଦେୟ ।ଉଦ୍ୟାନ କୃଷି ବିଦ୍ୟାଳୟ ର ଉପ ନିରଦେଶିକା ଶ୍ରୀମତୀ ଉର୍ମିଳା ମହାପାତ୍ର କହିଲେ ଯେ ଯେତେବେଳେ ମାଆ ମାନେ ଦୈନିକ ଖାଦ୍ୟ ସାରଣୀ ରେ ମାଣ୍ଡିଆ ଜାତୀୟ ଖାଦ୍ୟ କୁ ସାମିଲ କରିବେ ସେତେବେଳେ ହିଁ ଏହି ଦିବସ ପାଳନ ର ସାର୍ଥକ ହେବ ।ମାଣ୍ଡିଆ,ଜନ୍ହା, ସୁଆଁ, ବାଜରା ଇତ୍ୟାଦି ର ଅଟା, ଚୁନା ରୁ ବିଭିନ୍ନ ପିଠା, ଖୁସୁମୁସ ଖାଦ୍ୟ ସାମଗ୍ରୀ ତିଆରି କରି ଘରେ ଖାଇବା ସହ ବନ୍ଧୁ ମାନଙ୍କୁ ଖାଇବା କୁ ଦେଲେ ଏହାର ପ୍ରସାର ହେବ ।

ମାଲପଡା ନାଗରୀକ କମିଟିର ବୈଠକ

ବଲାଙ୍ଗିର, ୧୩।୧୧: ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ମାଲପଡାର କେତେକ ବ୍ୟକ୍ତିଙ୍କର ସ୍ୱର୍ଗବାସ ହୋଇଥିବାରୁ ତାଙ୍କର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଭାରେ ପଡାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା ।



ପଡାରେ ପୌର ପାଳିକା ଦ୍ୱାରା ନିୟମିତ ମଶା ତେଲ ଓ ମଶା ଧୂଆଁ ଦିଆଯାଉନଥିବାରୁ ମଶାର ପ୍ରଦୁର୍ଭାବ ଦିନ କୁ ଦିନ ବୃଦ୍ଧି ପାଉଛି ଓ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ପୌର ପାଳିକା ଏହା ଉପରେ ବିହିତ ପଦକ୍ଷେପ ନିମନ୍ତେ ପୌର ପାଳିକାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅନ୍ୟ ଏକ ପ୍ରସ୍ତାବ କ୍ରମେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାନୀୟ ଜଳ ଯୋଗାଣ ସମୟରେ ବିଦ୍ୟୁତ ବିଭାଗ ଦ୍ୱାରା ସେହି ସମୟରେ ବିଦ୍ୟୁତ କାଟ କରାଯାଉଥିବା ଯୋଗୁଁ ଜନ ସାଧାରଣ ପାନୀୟ ଜଳ ପାଇବାରେ ବ୍ୟାଘାତ ସୃଷ୍ଟି ହେଉଛି । ଏଣୁ ବିଦ୍ୟୁତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିହିତ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ସହରରେ ବୁଲା କୁକୁର ଙ୍କ ସଂଖ୍ୟା ଦିନକୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ କୁକୁରମାନଙ୍କ ଆକ୍ରମଣରେ ଜନସାଧାରଣ ଶିକାର ହେଉଛନ୍ତି ଏବଂ ଆତଙ୍କିତ ଅବସ୍ଥାରେ ଜୀବାୟତ କରୁଛନ୍ତି । ତେଣୁ ପୌର ପାଳିକା ଏହା ଉପରେ ବିହିତ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା

। ଅନ୍ୟ ଏକ ପ୍ରସ୍ତାବ କ୍ରମେ ଟିକ୍ରାପଡା ସ୍ଥିତ ଦୈନିକ ବଜାରରେ ପୋଲିସ ବିଭାଗ ଦ୍ୱାରା ଚୁରି ଚକିଆ ଯାନ ନିଷିଦ୍ଧ କରାଯାଇଥିଲେ ମଧ୍ୟ ତାକୁ ଖାତିର ନ କରି କେତେକ ଲୋକ ଅବାଧରେ ଚୁରିଚକିଆ ଯାନ ଚଳାଚଳନ କରୁଛନ୍ତି ତେଣୁ ଅନେକ ସମୟରେ ଦୁର୍ଘଟଣା ଶିକାର ହେଉଛନ୍ତି । ତେଣୁ ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଅନ୍ୟ ଏକ ପ୍ରସ୍ତାବ କ୍ରମେ ଟାଙ୍ଗିଆ ଜାମର ଅଧକ୍ଷ ଗୋପାଳ ଚନ୍ଦ୍ର ହୋତାଙ୍କ ଦ୍ୱାରା ଆସନ୍ତା ୧୫ ନଭେମ୍ବର ଦିନ ମାଲପଡା ସ୍ଥିତ ମାଲପଡା ରାମ ମନ୍ଦିର ସଙ୍ଗୁଖରେ ଏକ ଶୋଭାର ଆୟୋଜନ କରାଯାଉଥିବାରୁ ତାଙ୍କର ଅନୁରୋଧ ରକ୍ଷା କରି ଏହି ସଭାରେ ସମସ୍ତ ସଭ୍ୟମାନେ ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ ଅନୁରୋଧ କରାଯାଇଥିଲା । ଏହି ସଭାରେ ବରିଷ୍ଠ ସଭ୍ୟ ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ଅମୀୟ କୁମାର ମିଶ୍ର, ଗଣେଶ୍ୱରାମ ବେହେରା, ଶିବ ପ୍ରସାଦ ଶତପଥି, ଦେବଜ୍ୟୋତି ଯୋଷୀ, ଛବିଲାଲ ବେହେରା ଓ ସୂର୍ଯ୍ୟଭାନୁ ମିଶ୍ର ଆଦି ଏହି ସଭାରେ ଭାଗ ନେଇଥିଲେ । ଶେଷରେ ବିନୋଦ ବିହାରି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ବିସ୍ଫୋରଣ, ପରିବାରର ୩ ଜଣ ଆହତ

ଛତ୍ରପୁର, ୧୩।୧୧: ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଅରବିନ୍ଦ ନଗର ଦ୍ୱିତୀୟ ଲେନ୍ ?ରେ ଏକ ଭଡ଼ା ଘରେ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ବିସ୍ଫୋରଣ ଘଟିଛି। ଗୁରୁବାର ଭୋର ପ୍ରାୟ ୪ଟାରୁ ୪ଟା ୩୦ ମଧ୍ୟରେ ଘଟିଥିବା ଏହି ଅଘଟଣରେ ଘର ମାଲିକ କପିଳ ମହାରଣା, ତାଙ୍କ ପୁଅ ବିକାଶ ମହାରଣା ଓ ପତ୍ନୀ ମୀରା ମହାରଣା ଅଗ୍ନିଦଗ୍ଧ ହୋଇ ଆହତ ହୋଇଛନ୍ତି। ଘଟଣା ପରେ ଆହତମାନଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଅଧିକ ଚିକିତ୍ସା ନିମନ୍ତେ କପିଳ ଓ ତାଙ୍କ ପୁଅ ବିକାଶଙ୍କୁ ବ୍ରହ୍ମପୁରସ୍ଥିତ ଏମ୍ ?କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।



ଖବର ପାଇ ଖଲ୍ଲିକୋଟ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଭୁବନେଶ୍ୱରରୁ ଆସିଥିବା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ଭିଜୁଆଲ୍ ଯାଞ୍ଚ ସହ ଏକ୍ସପ୍ଲୋସିଭ୍ ଭେପର ଡିଟେକ୍ଟର (ଇଭିଡି) ମାଧ୍ୟମରେ ଯାଞ୍ଚ କରିଥିଲେ। ଯାଞ୍ଚରୁ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବା ଫଳରେ ଯାନ୍ତ୍ରିକ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ କୌଣସି ବିସ୍ଫୋରକ ପଦାର୍ଥର ଚିହ୍ନ ମିଳିନାହିଁ ବୋଲି ଗଞ୍ଜାମ ପୁଲିସ ପକ୍ଷରୁ ପ୍ରେସ୍ ନୋଟ୍ ?ରେ ସ୍ପଷ୍ଟ କରାଯାଇଛି।ଏହି ଘଟଣାରେ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ଘରେ ପଶିଗଲା ୫ ଫୁଟିଆ ସାପ

ଖୋରଧା, ୧୩।୧୧:ସକାଳୁ ସକାଳୁ ଖୋରଧା ବିଡିଏ କଲୋନୀ ଏମ୍ଆଇଜି ବ୍ଲକରେ ଥିବା ଇଂ ସରୋଜ ରଥଙ୍କ ଘରେ ପଶିଯାଇଥିଲା ଗୋଟେ ୫ ଫୁଟିଆ ସାପ । ଘରେ ଛୋଟପିଲା ଥିବାବେଳେ ଘର ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ସାପକୁ କୌଣସିମତେ ଘଉଡ଼ାଇବା ପରେ ଏହା ଘର ବାହାରକୁ ଆସିଥିଲା, ହେଲେ ଘରର ହତା ଭିତରେ ରହିଥିଲା । ଦୀର୍ଘ ସମୟ ଧରି ସାପ ସେଠାରୁ କୁଆଡ଼ ? ନ ଯିବା ପରେ ସ୍ନେକ୍ ହେଲପ୍ ଲାଇନକୁ ଡକା ଯାଇଥିଲା । ହେଲପ୍ ଲାଇନର ସଦସ୍ୟ ଲିଟୁ ଆସି ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିଲେ । ସୂଚନାଯୋଗ୍ୟ, ବିଡିଏ କଲୋନୀର ଏହି ଅଂଚଳରେ ଗାୟତ୍ରୀ ମନ୍ଦିର ଓ ପାଟଖଣ୍ଡା ମନ୍ଦିର ରହିଛି । ସେଠାରେ ଏକ ବିଶାଳକାୟ ବରଗଛ ଅଛି, ଯାହାକି ୨୦୧୯ ଫନି ବାତ୍ୟାରେ ଉପୁଡ଼ିପଡ଼ିଥିଲା । ତେବେ ଏହାର ଶାଖାପ୍ରଶାଖା ଚାରିପଟକୁ ମାଡ଼ିଯାଇ ଏହା ମନ୍ଦିର ତଳକୁ ଭେଦିଲାଣି । ବରଗଛର ବିଶାଳ ଗଣ୍ଡି ଭିତରେ ବହୁତ ସରୀସୃପ ରହୁଛନ୍ତି । ଆଖପାଖରେ କୁଡ଼ କୁଡ଼ ଅଳିଆ ଗଦା ହେଇକି ରହୁଛି । ଏପରିକି ବହୁ ବିଷାକ୍ତ ସାପ ଏଠାରୁ ବାହାରି ବିଭିନ୍ନ ଘର ଭିତରେ ପଶୁଛନ୍ତି । ଏହା ହିଁ କଲୋନୀରେ ସାପ ଆତଙ୍କର ମୁଖ୍ୟ କାରଣ । ତେଣୁ ବରଗଛର ଗଣ୍ଡିକୁ ସଂପୂର୍ଣ୍ଣ କଟାଯିବା, ଗଛର ସଂପ୍ରସାରିତ ଅଂଶଗୁଡ଼ିକୁ ଛେଦନ କରାଯିବା ଏବଂ ପରିବେଶ ସଫା ରହିବାର ଆବଶ୍ୟକତା ରହୁଛି ।

କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପି ୭୩ତମ ସମବାୟସପ୍ତାହ ପାଳନ

ଭୁବନେଶ୍ୱର .୧୩. ୧୧- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଧୁନିକ ଭାରତର ନିର୍ମାତା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୭୫ ତମ ଜୟନ୍ତୀ ଓ ୭୩ତମନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ରାଜ୍ୟର ପ୍ରତି ଜିଲ୍ଲାକଂଗ୍ରେସ କମିଟି ଓ ଜିଲ୍ଲା କଂଗ୍ରେସ ସମବାୟ ପ୍ରକୋଷ୍ଠର ମିଳିତଆନୁକୂଲ୍ୟରେ ଭାରତର ସମବା